ବର୍ଷ-୯
ସଂଖ୍ୟା-୧୬୯
ତା-୦୯ ଅଗଷ୍ଟ ୨୦୨୨
ମଙ୍ଗଳବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA
ପ୍ରଜାବାର୍ତ୍ତା
ଦୈନିକ ଓଡ଼ିଆ ଖବର କାଗଜ // Odia Daily News Paper

Vol-9
Issue-169
Date:09, August 2022
Tuesday, Page-8, Rs-2/-
POSTAL Regd.No.10120(K)/17/2018-21



କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଡ. ଅରବିନ୍ଦ କୁମାର ପାଢ଼ୀ



ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ସଂଜୟ କୁମାର ସିଂ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# କଟକ ଠାରେ 'ପ୍ରଜାତନ୍ତ୍ର ଅମୃତ ଉତ୍ସବ'ର ଉଦଘାଟନ କଲେ କେନ୍ଦ୍ର ଗୃହ ମନ୍ତ୍ରୀ

## ଆଗାମୀ ଦିନରେ ମୁଁ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରୁଛି : ଅମିତ ଶାହ

## ଲୋକଙ୍କ ସ୍ୱର ହେଉ ଗଣମାଧ୍ୟମ : ମୁଖ୍ୟମନ୍ତ୍ରୀ








କଟକ/ଭୁବନେଶ୍ୱର,୦୮/୮: ଓଡ଼ିଶାରେ ଏବେ ଅଚ୍ଛେ ଦିନ୍ ଆସିଛି ଏବଂ ଆଗାମୀ ଦିନରେ ମୁଁ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରୁଛି ବୋଲି ସୋମବାର କଟକ ଇନଡ଼ୋର ଷ୍ଟାଡ଼ିୟମ ଠାରେ ଡ.ହରେକୃଷ୍ଣ ମହାତାବଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ 'ପ୍ରଜାତନ୍ତ୍ର ଅମୃତ ଉତ୍ସବ' ରେ କେନ୍ଦ୍ର ଗୃହ ଓ ସହକାରିତା ମନ୍ତ୍ରୀ ଶ୍ରୀ ଅମିତ ଶାହ ଯୋଗ ଦେଇ କହିଛନ୍ତି । ଉଦଘାଟକ ଭାବେ ଯୋଗ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ ଉତ୍କଳ ଭୂମିରେ ପାଦ ରଖିଲେ ମନରେ ଭକ୍ତିଭାବ ଆସେ । ଯେବେ ବି ମୁଁ ଓଡ଼ିଶା ଆସେ ପ୍ରଥମେ ମହାପ୍ରଭୁଙ୍କୁ ପ୍ରଣାମ ଜଣାଏ । ଗୁଜୁରାଟର ଅହମ୍ମଦବାଦରେ ଜଗନ୍ନାଥ ଅଛନ୍ତି ଓ ପୁରୀରେ ବି ଜଗନ୍ନାଥ ଅଛନ୍ତି । ମହାପ୍ରଭୁ ଜଗନ୍ନାଥ ହିଁ ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ସମଗ୍ର ଦେଶକୁ ଭକ୍ତି ଓ ସଂସ୍କୃତିରେ ଯୋଡ଼ି ରଖିଛନ୍ତି । ସେ କହିଛନ୍ତି ଯେ ମୋଦିଙ୍କ ନେତୃତ୍ୱରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ କରାଯାଉଛି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ମିଶି ବିକାଶ କାମକୁ ଆଗେଇ ନେଉଛନ୍ତି । ଓଡ଼ିଶାର ଅଚ୍ଛେ ଦିନର କାରଣ ଆଜି ଓଡ଼ିଶାର ଗରିବ ପରିବାରରେ ଜନ୍ମିତ ଦ୍ରୌପଦୀ ମୁର୍ମୁ ମହାମହିମ ହୋଇଛନ୍ତି । ଏହା ସାରା ଦେଶର ଆଦିବାସୀମାନଙ୍କ ଲାଗି ଗର୍ବ ଓ ଗେ ?ରବର ବିଷୟ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ମନ୍ତ୍ରୀ ହୋଇଛନ୍ତି । ଓଡ଼ିଶାରୁ ଅଶ୍ୱିନୀ ବେ ?ଷ୍ଣବ, ବିଶେଶ୍ୱର ଟୁଡୁ କେନ୍ଦ୍ର ମନ୍ତ୍ରୀମଣ୍ଡଳିରେ ସାମିଲ ଅଛନ୍ତି । ବିଶ୍ୱଭୂଷଣ ହରିଚନ୍ଦନ ରାଜ୍ୟପାଳ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଶାସନ କାଳରେ ଓଡ଼ିଶାକୁ ଯେଉଁଭଳି ପ୍ରତିନିଧିତ୍ୱ ମିଳିଛି, ତାହା ସ୍ୱାଧୀନତା ପରେ କେବେ ବି ମିଳି ନାହିଁ ।ଉତ୍କଳ କେଶରୀ ମହାତାବ ସ୍ୱାଧୀନତା ପୂର୍ବରୁ ଓ ପରେ ଦେଶ ପାଇଁ ଲଢ଼େଇ କରିଥିଲେ । ଉତ୍କଳ ପ୍ରଜାଙ୍କୁ ସର୍ବଦା ନିଜ କାମ ଦ୍ୱାରା ସେ ଗୌରବାନ୍ୱିତ କରିଛନ୍ତି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଜାତନ୍ତ୍ର ରାଜ୍ୟର ବିଭିନ୍ନ ଜନ ଆନ୍ଦୋଳନରେ ସ୍ୱର ଦେବାର କାମ କରିଛି ବୋଲି ଶ୍ରୀ ଶାହ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ ଜଣେ ଓଡ଼ିଆ ଭାବେ ମୁଁ ଚିନ୍ତା କରେ 'ପ୍ରଜାତନ୍ତ୍ର' କେବଳ ସଠିକ୍ ରାଜନୈତିକ ଉଦ୍ଦେଶ୍ୟର ପ୍ରବର୍ତକ କିମ୍ୱା ମାର୍ଗଦର୍ଶକ ନ ଥିଲା ବରଂ ଓଡ଼ିଆ ଜନ ଆକାଂକ୍ଷା, ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ତଥା ଓଡ଼ିଆ ଜନଜୀବନର ସଠିକ୍ ଦର୍ପଣ ଥିଲା । ଏଥିପାଇଁ ପ୍ରଜାତନ୍ତ୍ରକୁ ନେଇ ମୁଁ ମନ ଭିତରେ ଶ୍ରଦ୍ଧା କରେ । ଏହି ଅନୁଷ୍ଠାନ ଓଡ଼ିଆ ସ୍ୱାଭିମାନ ଓ ଅଭିବ୍ୟକ୍ତିର ନିଚ୍ଛକ ପ୍ରତୀକ । ଶ୍ରୀ ପ୍ରଧାନ ସ୍ୱର୍ଗତ ଡ. ହରେକୃଷ୍ଣ ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପ୍ରଜାତନ୍ତ୍ର ଓ ଓଡ଼ିଆ ବୌଦ୍ଧିକ ସମ୍ପଦକୁ ନତମସ୍ତକ ହୋଇ ପ୍ରଣାମ ଜଣାଇଛନ୍ତି । ସ୍ୱାଧୀନତା ପୂର୍ବ ଓଡ଼ିଶାର ଲଢ଼େଇ ଓ ସ୍ୱାଧୀନତା ପରର ଓଡ଼ିଶାର ଦୃଷ୍ଟି, ଏ ସବୁ ବିଷୟକୁ 'ପ୍ରଜାତ'ନ୍ତ୍ର ଓ ଡ଼. ମହତାବଙ୍କୁ ଛାଡ଼ି କଳ୍ପନା କରିବା ଅସମ୍ଭବ । ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡ. ହରେକୃଷ୍ଣ ମହତାବ ଏବଂ ଗୃହ ମନ୍ତ୍ରୀ ଅମିତ ଶାହ ଦେଶକୁ ଏକତ୍ରୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଗଣତାନ୍ତ୍ରିକ ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଆମର ବିଶାଳ ସାଂସ୍କୃତିକ ଐତିହ୍ୟ, ନୈତିକ ମୂଲ୍ୟ, କୁ ବଜାୟ ରଖିବା ସହ ଦେଶର ଏକାତ୍ମତା ଓ ସାଂପ୍ରଦାୟିକ ସୌହାର୍ଦ୍ଦ ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଗଣମାଧ୍ୟମ ବିନା ଭୟ ଓ ଅନୁଗ୍ରହରେ କର୍ତବ୍ୟ ସମ୍ପନ୍ନ କରୁ । କଟକରେ ପ୍ରଜାତନ୍ତ୍ରର ୭୫ତମ ପୂର୍ତି ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଥା କହିଛନ୍ତି ।ମୁଖ୍ୟମନ୍ତ୍ରୀ ନିଜ ଉଦବୋଧନରେ ଆଗକୁ କହିଥିଲେ, ଲୋକଙ୍କ ବିଶ୍ୱାସ ଭରସାରେ ଗଣମାଧ୍ୟମ ଚାଲିଛି । ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ବାସ୍ତବିକ ସମସ୍ୟାକୁ ଗୁରୁତ୍ୱ ଗଣମାଧ୍ୟମ ଦେଉ । ଲୋକଙ୍କ ସ୍ୱର ହେଉ ଗଣମାଧ୍ୟମ । ବଳିଷ୍ଠ ଗଣତାନ୍ତ୍ରିକ ମୂଲ୍ୟବୋଧର ଦେଶ ହେଉଛି ଭାରତ । ଗଣମାଧ୍ୟମ ଲୋକଙ୍କ ସ୍ୱର ହୋଇଥିବାରୁ ଗଣତନ୍ତ୍ର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଉ । ଏହି ଅବସରରେ ସ୍ୱାଧୀନତାସଂଗ୍ରାମୀଙ୍କୁ ପ୍ରଣାମ ଜଣାଇଲେ ନବୀନ । ଛାପା ଗଣମାଧ୍ୟମ ହେଉ କିମ୍ୱା ବୈଦ୍ୟୁତିକ ଗଣମାଧ୍ୟମ ଦେଶର ସାଂସ୍କୃତିକ, ଐତିହ୍ୟ ଓ ନୈତିକତା ବଜାୟ ରଖି ଜାତୀୟ ଏକତା ଓ ସଂହତିକୁ ପ୍ରୋତ୍ସାହନ ଦେବା ହେଉଛି ଗଣମାଧ୍ୟମର ଦାୟିତ୍ୱ ।ଖବର କାଗଜ, ବୈଦ୍ୟୁତିକ ଗଣମାଧ୍ୟମ କିମ୍ୱା ସୋସିଆଲ ମିଡିଆ ଧର୍ମ ନିରପେକ୍ଷତା ମାନସିକତା ରଖି କାମ କରିବା ଉଚିତ । ସ୍ୱାଧୀନତା ସଂଗ୍ରାମରେ ସତ୍ୟ ଓ ଅଂହିସା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସ୍ୱାଧୀନତାର ୭୫ ବର୍ଷ ଅବସରରେ ସମାଜରେ ସବୁ ସ୍ତରରେ ଏଭଳି ମୂଲ୍ୟବୋଧ ସୁରକ୍ଷା ପାଇଁ ସମସ୍ତଙ୍କୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଁ ଓଡ଼ିଶାର ଗଡ଼ଜାତ ଅଂଚଳର ଅଧିବାସୀ । ସେ ସମୟର ପୀଡ଼ା ଓ ବେଦନାକୁ ମୁଁ ଏବେ ଅନୁଭବ କରିପାରୁଛି । ପଟେଲ ଭାରତରେ ଥିବା ଗଡ଼ଜାତ ଅଂଚଳ ଓ ସ୍ୱାଧୀନ ରାଜ୍ୟକୁ ଦେଶ ସହ ମିଶାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ସେହିପରି ଡ଼.ମହତାବ ଗଡ଼ଜାତ ରାଜ୍ୟ ଗୁଡ଼ିକର ଓଡ଼ିଶା ସହ ମିଶ୍ରଣରେ ନୀଳଗିରିକୁ ପ୍ରଥମେ ସାମିଲ କରାଇଥିଲେ । ପରେ ଶାହ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହଯୋଗରେ ଜାମ୍ମୁ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ କରି ପଟେଲ ଓ ମହତାବଙ୍କ ଅଧା ସ୍ୱପ୍ନକୁ ପୂରଣ କରିଛନ୍ତି । ଏହା ଗୌରବର ବିଷୟ ଯେ ମହତାବ ଆମେରିକାର ପ୍ରିନ୍ସଟୋନ ବିଶ୍ୱବିଦ୍ୟାଳୟରେ ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କ ସାମ୍ନାରେ ଭାଷଣ ପ୍ରଦାନ କରିଥିଲେ । ଆଗାମୀ ୨୫ ବର୍ଷ ପରେ ଦେଶ ସ୍ୱାଧୀନତାର ଏବଂ 'ପ୍ରଜାତନ୍ତ୍ର' ନିଜ ପ୍ରତିଷ୍ଠାର ଶତବାର୍ଷିକୀ ପୂରଣ କରିବ । ପ୍ରଧାନମନ୍ତ୍ରୀ ମୋଦି ସଠିକ ଭାବେ ଏହାକୁ ଅମୃତ କାଳ କହିଛନ୍ତି ।

## ପ୍ରକାଶ ପାଇଲା ଯୁକ୍ତ-୨ କଳା ପରୀକ୍ଷା ଫଳ

ଭୁବନେଶ୍ୱର, ୦୮ ଅଗଷ୍ଟ - ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଯୁକ୍ତ-୨ କଳା ସ୍ରୋତର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷା ଫଳକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ପରିଷଦର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ମିଶ୍ରକୃତୀ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ଏବଂ ଛାତ୍ରଛାତ୍ରୀମାନଙ୍କୁ ନୂତନ ଉତ୍ସାହ ଓ ଉଦ୍ଦୀପନା ନେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଚଳିତ ବର୍ଷ କଳା ସ୍ରୋତରେ ଯୁକ୍ତ-୨ ପରୀକ୍ଷା ଦେବା ପାଇଁ ୨୧୩୪୦୬ ଜଣ ଛାତ୍ରଛାତ୍ରୀ ପଂଜୀକରଣ କରିଥିବାବେଳେ ୨୦୮୬୩୧ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରେ ୯୦୨୦୭ ଜଣ ଛାତ୍ର ଏବଂ ୧୧୮୪୨୪ ଜଣ ଛାତ୍ରୀ ରହିଛନ୍ତି । ଚଳିତ ବର୍ଷ ୧୭୧୨୮୮ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ପାସ ହାର ୮୨.୧୦% ରହିଛି । ଛାତ୍ରମାନଙ୍କ ପାସ ହାର ୭୫.୦୮% ଏବଂ ଛାତ୍ରୀମାନଙ୍କ ପାସ ହାର ୮୭.୪୫% ରହିଛି । ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ୬୨୭୩୪, ଦ୍ୱିତୀୟ ଶ୍ରେଣୀରେ ୪୧୧୯୩ ଏବଂ ତୃତୀୟ ଶ୍ରେଣୀରେ ୬୭୩୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାର ସର୍ବାଧିକ ୮୭.୮୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ବର୍ଷ ଧନ୍ଦାମୂଳକ ଶିକ୍ଷାରେ ଯୁକ୍ତ-୨ ପରୀକ୍ଷା ଦେବା ପାଇଁ ରାଜ୍ୟର ୫୮୬୪ ଜଣ ଛାତ୍ରଛାତ୍ରୀ ପଂଜୀକରଣ କରିଥିବାବେଳେ ୫୬୭୩ ଜଣ ପରୀକ୍ଷା ଦେଇଥିଲେ । ପରୀକ୍ଷା ଦେଇଥିବା ୨୯୮୫ ଛାତ୍ରଙ୍କ ମଧ୍ୟରୁ ୧୯୨୮ ଜଣ ପାସ କରିଥିବାବେଳେ ୨୬୮୮ ଜଣ ଛାତ୍ରୀଙ୍କ ମଧ୍ୟରୁ ୨୦୦୯ ଜଣ ପାସ୍ କରିଛନ୍ତି । ଚଳିତ ବର୍ଷ ୩୯୯୧ ଜଣ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷର ପାସ୍ ହାର ୭୦.୩୫% ରହିଛି । ଚଳିତ ବର୍ଷ ଛାତ୍ରମାନଙ୍କ ପାସ ହାର ୬୬.୩୯% ଓ ଛାତ୍ରୀମାନଙ୍କ ପାସ ହାର ୭୪.୭୩% ରହିଛି । ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ୧୫୪୮, ଦ୍ୱିତୀୟ ଶ୍ରେଣୀରେ ୧୮୮୯ ଏବଂ ତୃତୀୟ ଶ୍ରେଣୀରେ ୫୩୮ ଜଣ ପାସ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ସର୍ବାଧିକ ୯୩.୮୯% ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି ।

### "ମୋଦି ଅ୨୦" ପୁସ୍ତକର ଓଡ଼ିଶା ଚାପ୍ଟର ଲୋକାର୍ପଣ କଲେ କେନ୍ଦ୍ର ଗୃହ ମନ୍ତ୍ରୀ

## ଓଡ଼ିଶାରେ ବିଜେପି ସରକାର ଆସିବ









ଭୁବନେଶ୍ୱର, ଅଗଷ୍ଟ ୦୮ - ଓଡ଼ିଶାରେ ବିଜେପିର ସରକାର ହେବାକୁ ଯାଉଛି । ଲୋକଙ୍କ ବିଶ୍ୱାସକୁ ଜିତି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବାଧିକ ଲୋକପ୍ରିୟ ହୋଇପାରିଛନ୍ତି ବୋଲି ସୋମବାର ଭୁବନେଶ୍ୱର ଠାରେ "ମୋଦି ଅ୨୦-ଡ୍ରିମ୍ସ ମିଟ୍ ଡ଼େଲିଭରି" ପୁସ୍ତକର ଓଡ଼ିଶା ଚାପ୍ଟର'ର ଉନ୍ମୋଚନ ତଥା ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟରେ ଲଗାତାର ୩ ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଲଗାତାର ୨ ଥର ପ୍ରଧାନମନ୍ତ୍ରୀ ହୋଇସାରିଛନ୍ତି । ଲୋକଙ୍କ ବିଶ୍ୱାସକୁ ଜିତି ଆଜି ସେ ସର୍ବାଧିକ ଲୋକପ୍ରିୟ ହୋଇପାରିଛନ୍ତି । ଦୀର୍ଘ ୨୦ ବର୍ଷ ଶାସନରେ ପ୍ରଧାନମନ୍ତ୍ରୀ ମୋଦି ପରିବାରବାଦ ଏବଂ ତୁଷ୍ଟୀକରଣର ରାଜନୀତିକୁ ସମାପ୍ତ କରିଛନ୍ତି । ପରିବାରବାଦ ଜାଗାରେ ପଲିଟିକ୍ସ ଅଫ୍ ପର୍ଫମାନ୍ସ ବା ପ୍ରଦର୍ଶନ ଅନୁସାରେ ରାଜନୀତିର ନୂଆ ଧାରା ତିଆରି କରିଛନ୍ତି । ଲୋକତନ୍ତ୍ରରେ ସେହି ସଫଳ ହେବ, ଯିଏ ପରଫର୍ମ କରିବ । ସେହିପରି "ମୋଦି ଅ୨୦-ଡ୍ରିମ୍ସ ମିଟ୍ ଡ଼େଲିଭରି" ଭଳି ଏକ ପୁସ୍ତକରେ ମୋଦିଙ୍କ କାର୍ଯ୍ୟ ଓ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ । ପୁସ୍ତକ ତୁଳନାରେ ତାଙ୍କର କାର୍ଯ୍ୟ ଓ ବ୍ୟକ୍ତିତ୍ୱ ବହୁତ ବଡ । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ସ୍ୱାଧୀନତ୍ତୋର ଭାରତରେ ଜବାହାର ଲାଲ ନେହୁରଙ୍କ ଠାରୁ ମନମୋହନ ସିଂହଙ୍କ ପର୍ଯ୍ୟନ୍ତ ଅନେକ ପ୍ରଧାନମନ୍ତ୍ରୀ ନୂଆ କୀର୍ତ୍ତି ସ୍ଥାପନ କରିଛନ୍ତି । କିନ୍ତୁ ଦେଶରେ ପ୍ରଥମ ଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଠୋର ପରିଶ୍ରମ ଦ୍ୱାରା ଗରିବ ଲୋକଙ୍କ ପାଇଁ ଦେଖିଥିବା ସ୍ୱପ୍ନକୁ ସାକାର କରୁଛନ୍ତି । ସେଥିପାଇଁ ମୋଦି କହିଥିଲେ ମୋ ସରକାର ଗରିବ, ଯୁବକ, ମହିଳା, ଜନଜାତି ବଞ୍ଚିତ ପାଇଁ ସମର୍ପିତ ରହିବ । ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ,ସବକା ପ୍ରୟାସ ଦର୍ଶନରେ ଜନଭାଗିଦାରୀର ଅନନ୍ୟ ଜନଆନ୍ଦୋଳନ ହେଉଛି ମୋଦି ସରକାରର ବଡ଼ ବିଶେଷତା । ଅଦ୍ୱିତୀୟ ନେତା ମୋଦିଙ୍କ ଗୁଜୁରାଟ ମଡେଲରୁ ଇଣ୍ଡିଆ ମଡ଼େଲ, ଜନକଲ୍ୟାଣକାରୀ ଯୋଜନା ଆଜି କୋଟି କୋଟି ଲୋକଙ୍କୁ ନୂଆ ଆଶା ଓ ଭରସା ଦେଇଛି । ମୋଦି ବିଶ୍ୱର ଗରିବ ଲୋକମାନଙ୍କର ଆଶାର ପ୍ରତୀକ ହୋଇଛନ୍ତି । ବିକଶିତ ରାଷ୍ଟ୍ର ଓ ବିଶ୍ୱର ସବୁ ଅଞ୍ଚଳରେ ମୋଦିଙ୍କ ଲୋକପ୍ରିୟତା ଶୀର୍ଷରେ ଅଛି । ମୋଦିଙ୍କ ମଡେଲକୁ ଅନେକ ବଡ ବଡ଼ ରାଷ୍ଟ୍ର ଗ୍ରହଣ କରୁଛନ୍ତି । ଦିନେ ଖାଦ୍ୟର ଅଭାବକୁ ଦୂର କରିବା ପାଇଁ ଭାରତ ଆମେରିକାରୁ ନିମ୍ନମାନର ଚାଉଳ ଗହମ ଆମଦାନୀ କରୁଥିଲା । ମାତ୍ର ଏବେ ଆମେରିକା ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ହାତ ମିଳାଇବାକୁ ତାଙ୍କ ପାଖକୁ ଆସୁଛନ୍ତି । ଏହା ପରିବର୍ତ୍ତିତ ଭାରତ ବା ନୂଆ ଭାରତ ଏବଂ ଏହାର ମୁଖ୍ୟ ବିନ୍ଧାଣୀ ହେଉଛନ୍ତି ନରେନ୍ଦ୍ର ମୋଦି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ମଇ ୧୧ ତାରିଖରେ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ କରକମଳରେ "ମୋଦି ଅ ୨୦-ଡ୍ରିମ୍ସ ମିଟ୍ ଡ଼େଲିଭରି" ପୁସ୍ତକ ଉନ୍ମୋଚନ ହୋଇଥିଲା । ଏହି ପୁସ୍ତକରେ ୨୨ଟି କ୍ଷେତ୍ରର ସୁନାମଧନ୍ୟ ଲେଖକଙ୍କ ଦ୍ୱାରା ୨୧ ପ୍ରବନ୍ଧର ସଂକଳନ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ୨୦୦୧ରୁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ ୨୦ ବର୍ଷ ଧରି ରାଜ୍ୟ ତଥା ଜାତୀୟ ସ୍ତରରେ ସରକାରର ମୁଖ୍ୟ ଭାବରେ ରହିଥିବା ସମୟରେ ତାଙ୍କ ଚିନ୍ତାଧାରା ଏବଂ କାର୍ଯ୍ୟଦକ୍ଷତାର ବିଭିନ୍ନ ଦିଗକୁ ପୁସ୍ତକରେ ଉଲ୍ଲେଖ କରାଯାଇଛି ।

# ଲୋକ ପ୍ରତିନିଧି ଓ ଆମ ପୋଲିସଙ୍କ ଦ୍ୱାରା ଦଶପୁର ଫାଣ୍ଡିରେ ବୈଠକ



ଗୋଳାମୁଣ୍ଡା: କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ରେ ଦଶପୁର ମଣ୍ଡଳର ସରପଞ୍ଚ ଓ ସମିତି ସଭ୍ୟ ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତି ଙ୍କ ଉପସ୍ଥିତ ରେଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଏହି ବୈଠକରେ ଗୋଳାମୁଣ୍ଡା ଥାନା ଅଧିକାରୀ ଯୁଗଳ ଶବର ଙ୍କ ସଭାପତିତ୍ୱ ଥିବା ବେଳେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ଏସ୍ଡିପିଓ ଧିରଜ କୁମାରଚୋପଦାର, ଦଶପୁର ଫାଣ୍ଡି ଅଧିକାରୀ ବିରବନ୍ଧୁ ସେଠି ଓ ସରପଞ୍ଚ/ସମିତି ସଭ୍ୟ ଙ୍କ ଦ୍ୱାରା ଅଞ୍ଚଳରେ ଉପୁଜିଥିବା ସାମ୍ପ୍ରଦାୟିକ ହିଂସାକାଣ୍ଡ ,ଗୁଜବ ସୃଷ୍ଟି ହେଉଥିବା ବିଷୟରେ ଆଲୋଚନା କରାଯାଇଥିଲା,ବର୍ତ୍ତମାନ କାଳହାଣ୍ଡିରେ ଗୁଜବ ହେଉଥିବା ଚୋରି, ଦଙ୍ଗା, ପ୍ରତି ନିଜ ନିଜ ପଞ୍ଚାୟତ, ଗ୍ରାମ ମାନଙ୍କରେ ଯୁବକ ଗୋଷ୍ଠୀ ଗଠନ କରି ଗୁଜବ ପ୍ରତି ଧ୍ୟାନ ଦେଇ କାଳହାଣ୍ଡିପୋଲିସ ଙ୍କ ଦୃଷ୍ଟି ଆକର୍ଷଣ ନେବା ଓ ଦଶପୁର ଏବଂ ଗୋଳାମୁଣ୍ଡା ପୋଲିସ ଆପଣଙ୍କ ଅଞ୍ଚଳ ପ୍ରତି ସଦାସର୍ବଦା ସେବାରେ ଧ୍ୟାନରେରହିଛି, ମୁଖ୍ୟ ତୋବିଭିନ୍ନ ସ୍ଥାନରେ ଦେଖା ଦେଇଥିବା ଚୋରି, ମଦବେପାର,ଗଂଜେଇ ବେପାର, ଓ ବଜାର ରେ ସୋଟା,ଜୁଆଖେଳବିଷୟରେ ଦଶପୁରଓ ଗୋଳାମୁଣ୍ଡା ପୋଲିସକୁ ଜଣାଇବା ପାଇଁଉପସ୍ଥିତ ଥିବା ସରପଞ୍ଚ/ସମିତି ସଭ୍ୟ ମାନଙ୍କୁ ଅନୁରୋଧ କରିଥିଲେ,ତତ ସହିତ ବାହାରୁ ଆସୁଥିବା ଯାଯାବରଲୋକମାନେ ବ୍ୟବସାୟ ଆଳରେ ଆସି ଅନେକ ପ୍ରକାରଅଘଟଣ ଘଟୁ ବାରେ ସମ୍ଭାବନ ହୋଇ ପାରେ ସେଠି ପ୍ରତି ଆପଣା ମାନଙ୍କ ଦୃଷ୍ଟି ଆକର୍ଷଣ ନେବା ପାଇଁ ଅନୁରୋଧ,ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା, ଅନ୍ଧବିଶ୍ୱାସ, ଗୁଣିଗାରେଡି,ଦାଦାନସମସ୍ୟା, ପୋଲିସ କର୍ମଚାରୀ ଙ୍କ ଦ୍ୱାରା ଦୁର୍ବ୍ୟବହାର,ବିଭିନ୍ନ ଯାନିଯାତ୍ରା ସମ୍ପର୍କରେ ସୂଚନା ଦେବା ପୋଲିସ ବ୍ୟବସ୍ଥାରେ ହେଲମେଟ ପିନ୍ଧି ମଟର ସାଇକେଲ ଚଳାଇବା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଜନସାଧାରଣ ଙ୍କୁ ସତର୍କ ଏବଂ ସଚେତନ କରିବା ଓ ପୋଲିସ ସହ ଯୋଗ ସୁତ୍ର ରହିବାପାଇଁ ଓ ପ୍ରତିଦିନ ପୋଲିସ ପେଟ୍ରୋଲିଙ୍ଗ କରିବା ଇତ୍ୟାଦି ବିଷୟରେ ସ୍ଡିପିଓ ଶ୍ରୀ ଚୋପଦରା,ଆଜିକାର ବୈଠକରେ ଆଲୋଚନା କରି ସଭା ସାଙ୍ଗ କରି ଥିଲେ, ଉକ୍ତ ସଭାରେ ଦଶପୁର ସରପଞ୍ଚ ରଂଜନ ସାହୁ, ଦଶପୁର ସମିତି ସଭ୍ୟ ଦୁର୍ଗେ ସାହୁ, ଟେମରି ସରପଞ୍ଚ ପ୍ରତିନିଧି କୁମୋଦ ସା,ସମିତି ସଭ୍ୟ ପ୍ରତିନିଧିଖଗେଶ୍ୱର ନାଇକ, ଫରଙ୍ଗ ସରପଞ୍ଚ ପ୍ରତିନିଧି କୁନୁ ଭୋଇ, ଚିଚିଆ ସମିତି ସଭ୍ୟ ସନ୍ତୋଷ ପଟେଲ,ପିତମ ଅଗ୍ରୱାଲ,ପ୍ରଭଞ୍ଜନ, ସରାପ,ଦଶପୁର ପୋଲିସ କର୍ମଚାରୀ ଦେବରାଜ ନାଇକ,ଆଚାର୍ଯ୍ୟ, ଓ ଗୃହରକ୍ଷୀ, ପ୍ରମୁଖ ଉପସ୍ଥିତ ରହି ଥିଲେ।

# ଅରବିନ୍ଦ ନଗର ରାସ୍ତା ଅବସ୍ଥା ଶୋଚନୀୟ



ବୁଗୁଡ଼ା: ସ୍ଥାନୀୟ ଏନଏସି କଲ୍ୟାଣୀ ମଣ୍ଡପ ପଛ ପଟ ଅରବିନ୍ଦ ନଗର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ୱାର୍ଡ ନଂ-୩ ଅନ୍ତର୍ଗତ ଏହି ରାସ୍ତା ସାରା ଖାଲଖମା ସାଙ୍ଗକୁ ସଦାବେଳେ ଦୁର୍ଗନ୍ଧ ପାଣି ଜମିରହୁଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି । ସାମାନ୍ୟ ବର୍ଷାଟିଏ ହେଲେ ଅବସ୍ଥା ଏପରି ହେଉଛି ଯେ ସେହି ରାସ୍ତା ଦେଇ କେହି ହେଲେ ଯିବାକୁ ଉଚିତ୍ ମଣୁ ନାହାନ୍ତି । ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏନ୍ଏସି ପ୍ରଶାସନ ନିଦାବିଷ୍ଟୁ ସାଜିଛି । ଅପରପକ୍ଷରେ, ଚାରିରୁ ପାଞ୍ଚଟି ଘର ଥିବା ସାହିକୁ ପେବର ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଅରବିନ୍ଦ ନଗରର ଏହି ଶୋଚନୀୟ ରାସ୍ତା ପ୍ରତି ଧ୍ୟାନ ନଦେବା ଏନ୍ଏସି ପ୍ରଶାସନର କିଭଳି ମାନସିକତା ତାହା ବୁଝା ପଡୁନାହିଁ । ଅଧିକନ୍ତୁ, ଏନ୍ଏସି ପ୍ରଶାସନ ସର୍ବଦା ନଗରବାସୀଙ୍କୁ ସ୍ୱଚ୍ଛତା ରକ୍ଷା ସକାଶେ ସଚେତନ କରୁଥିବା ବେଳେ ସହରର ପରିଚ୍ଛନ୍ନତା ପ୍ରତି ଉଦାସୀନ ରହୁଥିବା ହେତୁ ସର୍ବସାଧାରଣରେ ଏନ୍ଏସି କର୍ତ୍ତୃପକ୍ଷ ସମାଲୋଚିତ ହେଉଛନ୍ତି । ଏଣୁ, ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଧରା ହେଲା ବାଇକ ଚୋର

ଅନୁଗୁଳ :ସ୍ଥାନୀୟ ବଅଁରପାଳ ଥାନା ନିକଟସ୍ଥ ଆଇଟିଆଇରୁ ବାଇକ୍ ଚୋରି କରି ନେଉଥିବା ଯୁବକଙ୍କୁ କାବୁ କଲେ ସ୍ଥାନୀୟ ଲୋକେ ଅଭିଯୋଗ ଅନୁଯାୟୀ, ସଞ୍ଜୟ କୁମାର ଧୂର ହିରୋ । ହୋଣ୍ଡା ସିଡି ଡିଲକ୍ସ (ଓଅର୍ ୧୯ ଯେ ୬୭୯୧) ନେଇ ବଅଁରପାଳ ସ୍ଥିତ ଆଖଣ୍ଡଳମଣି ଆଇଟିଆଇକୁ ପଢିବାକୁ ଯାଇଥିଲେ। କ୍ଲାସ ପରେ ସେ ବାହାରକୁ ଆସିଲା ଦେଖୁ ବେଳକୁ ସେଠାରେ ବାଇକ୍ ନଥିଲା । ବହୁ ଖୋଜା ଖୋଜି ପରେ ସେ ଦାଦା ମକରା ଧୂରଙ୍କୁ ଖବର ଦେଇଥିଲେ। ପରେ ଗାଁ ପିଲାମାନେ ଚାରି ଆଡେ ଖୋଜା ଖୋଜି କରିଥିଲେ । କିଛି ସମୟ ପରେ ସେମାନେ ଖବର ପାଇଥିଲେ ଯେ ତାଙ୍କ ବାଇକକୁ ଦୁଇ ଜଣ ଲୋକ ନୂଆହତାରୁ ଟାଟା ଷ୍ଟିଲ କାରଖାନା ଆଡକୁ ନେଇ ଯାଉଛନ୍ତି । ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଅଟକାଇବା ସହ ଦୁଇ ଜଣଙ୍କୁ ଧରିଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ଚମ୍ପଟ ମାରିଥିବା ବେଳେ ଆଉ ଜଣଙ୍କୁ ଗାଁ ଲୋକେ କାବୁ କରିବାରେ ସଫଳ ହୋଇଛନ୍ତି। ଧରା ପଡ଼ିଥିବା ବ୍ୟକ୍ତି ଖଡଗପ୍ରସାଦର ବିଶ୍ୱଜିତ୍ ଦାସ ବୋଲି ଜଣାଯାଇଛି। ଗାଁ ଲୋକେ ବିଶ୍ୱଜିତ୍‌କୁ ବଅଁରପାଳ ଥାନାରେ ଜିମା ଦେଇଥିବା ଜଣାଯାଇଛି।



## ପୋଲିସ ଓ ଅବକାରୀ ବିଭାଗର ଜୋରଦାର ଚଢ଼ଉ

# ଦୁଇ ଦିନରେ ୧୩,୯୦୦ ଲିଟର ପୋଚ ଓ ୧୦୩୦ ଲିଟର ଦେଶୀ ମଦ ନଷ୍ଟ, ୨୫.୯୨୦ ଲିଟର ବିଦେଶୀ ମଦ ଜବତ



ବୋରିଗୁମ୍ମା: ବୋରିଗୁମ୍ମା ବ୍ଲକ ର ବିଭିନ୍ନ ସ୍ଥାନରେ ଦିନ କୁ ଦିନ ଚୋରା ଦେଶୀ ଓ ବିଦେଶୀ ମଦ ର କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀ ଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗତ ଦୁଇ ଦିନ ହେଲା ବୋରିଗୁମ୍ମା ବ୍ଲକ ର ଲଦୀଯୋଡି, ସୁକିଲିଗୁଡା, ଭୂମିଆଗୁଡା, ବଗବେଡା ଓ ପଖାନାଗୁଡା ରେ ଜୋରଦାର ଚଡାଉ ଚାଲିଥିଲା ।ପୋଲିସ ଓ ଅବକାରୀ ବିଭାଗ କୁ ଗତ ଦୁଇ ଦିନ ରେ ବେଶ ସଫଳତା ମିଳିଛି ।ଅବକାରୀ ବିଭାଗ ଦେଶୀ ମଦ ପ୍ରସ୍ତୁତ ହେବା ନିମନ୍ତେ ଥିବା ୧୩,୯୦୦ ଲିଟର ପୋଚ ନଷ୍ଟ କରିବା ସହ ୧୦୩୦ ଲିଟର ଚୋରା ଦେଶୀ ମଦ ମଧ୍ୟ ନଷ୍ଟ କରିଥିବା ବୋରିଗୁମ୍ମା ଅବକାରୀ ଅଧିକାରୀ କେ.ତ୍ରିପତି ପଟନାୟକ ସୂଚନା ଦେଇଛନ୍ତି ।ଅନ୍ୟପଟେ ଚାଲାଣଗୁଡା ଗ୍ରାମର ଜଣଙ୍କ ଘରୁ ୨୯.୯୨୦ ଲିଟର ବିଭିନ୍ନ ବ୍ରାଣ୍ଡ ର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଓ ଅବକାରୀ ଚଡାଉ ରେ ମାଜିଷ୍ଟ୍ରେଟ ଭାବେ ସ୍ଥାନୀୟ ଅତିରିକ୍ତ ତହସିଲଦାର ସଂଜୀବ କୁଲୁ, ପିଏସଆଇ ଶ୍ରୀନିବାସ ପାଲକା ଙ୍କ ସହ ବହୁ ଅବକାରୀ ଅଧିକାରୀ ଯୋଗ ଦେଇଥିଲେ।

# ୫-ଟିରେ ସାମିଲ ହେଲା ବନ୍ଧୁଗାଁର ୪ଟି ହାଇସ୍କୁଲ



ବନ୍ଧୁଗାଁ:କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ ଭଳି ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରିବା ଉଧେସ୍ୟ ରଖି ରାଜ୍ୟ ସରକାର ୪ଟି ବିଦ୍ୟାଳୟକୁ ୫-ଟିରେ ସାମିଲ କରିଛନ୍ତି । ସେଗୁଡିକ ହେଲା କମ୍ବୁଗାଣ୍ଡା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,କାତୁଲପେଟା ଉଚ୍ଚ ବିଦ୍ୟାଳୟ,ଆଲମଣ୍ଡା ସରକାରି ଉଚ୍ଚ ବିଦ୍ୟାଳୟ ଓ ନିଲାବାଡି ଓଡିଶା ଆଦର୍ସ ବିଦ୍ୟାଳୟ। କମ୍ବୁଗାଣ୍ଡା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଥମରୁ ଦସମ ଜାଏଁ ୨୧୬ ଜଣ ଛାତ୍ର ଛାତ୍ରୀ ଅଧୟନ କରୁଥିବା ବେଳେ ଶିକ୍ଷକ ସଂଖ୍ୟା ମାତ୍ର ୪ଜଣ । କାତୁଲୁ ପେଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମରୁ ଦଶମ ଶ୍ରେଣି ପର୍ଯ୍ୟନ୍ତ ୯୯ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ୮ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଥିବା ବେଳେ ଆଲମଣ୍ଡା ସରକାରି ଉଚ୍ଚ ବଦ୍ୟାଳୟ ଠାରେ ନବମରୁ ଦସମ ଶ୍ରେଣି ଯାଏଁ ୭୮ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ମଟ ୪ ଜଣ ଶିକ୍ଷକ । ସେହି ପରି ନିଲାବାଡି ଆଦର୍ସ ବିଦ୍ୟାଳୟ ଠାରେ ଶଷ୍ଠରୁ ଦ୍ୱାଦସ ଶ୍ରେଣି ଜାଏଁ ବେଳେ ୩୮୦ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ରହିଛନ୍ତି ୧୧ ଜଣ ଶିକ୍ଷକ ଓ ଶିକ୍ଷତ୍ରୀ । ଏ ସମସ୍ତ ସ୍କୁଲ ଯାକ ଅପଗ୍ରେଡ୍ ହେଲା ପରେ ଛାତ୍ରଛାତ୍ରୀ ମାନେ ସ୍ମାର୍ଟ୍ କ୍ଲାସ ରୁମ୍,ସାଇନ୍ସ ଲାବୋରଟାରି,ଉନ୍ନତ ମାନର ଖେଳ ପଡିଆ,ଲାଇବ୍ରେରି ଭଳି ଅନେକ ସୁବିଧା ପାଇ ପାରିବେ ।ଏତେ ଟଙ୍କା ଖର୍ଚରେ ସ୍ମାର୍ଟ୍ ସ୍କୁଲ୍ ମାନ ସରକାର ତିଆରି କରୁଛନ୍ତି ହେଲେ ଏହାର ତଦାରଖ ଦାଇତ୍ୱରେ କେହି ରହୁ ନଥିବାରୁ ସବୁ କାମ ନିମ୍ନ ମାନରେ ହେଉଛି । ତେଣୁ କାମ ଆରମ୍ଭ ହୋଇ ହସ୍ତାନ୍ତର ହେଲା ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିସର ମାନ ପରିକ୍ଷା କରାଯାଉ ବୋଲି ସାଧାରଣରେ ମତ ପ୍ରକାସ ପାଇଥିବା ବେଳେ ଆଗକୁ ଏସବୁ ବିଦ୍ୟାଳୟରେ ପାସ ହାର କେତେ ସତକଡା ରହୁଚି ତାହା ଦେଖିବାକୁ ବାକି ରହିଲା ।

# ଧର୍ମଗଡ଼ ବ୍ଲକ ଛେଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଠନଟ ଗ୍ରାମ ବୃକ୍ଷ ରୋପଣ




ଧର୍ମଗଡ଼:ଧର୍ମଗଡ଼ ବ୍ଲକ ଛେଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଠନଟ ଗ୍ରାମ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ।'ସୋସିଆଲ ୱେଲଫେୟାର୍ ଅର୍ଗାନେଯେସନ୍' କଳାହାଣ୍ଡି ପରିବାର ତରଫରୁ ଥନଟ ଗ୍ରାମ କୁ ସୈନ୍ଦର୍ଯ୍ୟ ସୁସଜ୍ଜିତ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରିବା ପାଇଁ ଆସନ୍ତୁ ସମସ୍ତେ ଗଛ ଲଗାଇ ପରିବେଶ ର ସୁରକ୍ଷା କରିବା। ପରିବେଶ ବଞ୍ଚିଲେ ଆମେ ବଞ୍ଚିବା ବୋଲି ଡାକରା ଦେଇ ଗାଁ ର ତେଲ ନନ୍ଦୀ କୂଳରେ ୩୦୦ ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା। ଧର୍ମଗଡ଼ ବ୍ଲକ ଟିମ୍ ର ସମ୍ପାଦକ ଶ୍ରୀ ରିଙ୍କୁ ମଙ୍ଗରାଜ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ତଥା ପ୍ରକୃତି ପ୍ରେମି ଉଦୟମାନ ବ୍ୟକ୍ତି ରାମନାଥ ସୁନାନୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ୧ ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଗୋପୀନାଥ ମହାନନ୍ଦ,ସମ୍ମାନୀତ ଅତିଥି ଭାବେ ଜ୍ଞାନ କମ୍ପ୍ୟୁଟର ଧର୍ମଗଡ଼ ର ଅଧ୍ୟକ୍ଷ ଶ୍ରୀ କମଳାକାନ୍ତ ବିହାରୀ, ଏଲ୍. ଆଇ.ସି ର ଆଡଭାଇଜର ଶ୍ରୀ ସୁମିତ କୁମାର ଖମାରୀ, ଫରେଷ୍ଟର ପାର୍ଥବ ମାଝୀ, ଗାଁର ସ୍ୱୟଂ ସହାୟିକା ଗୋଷ୍ଠୀ ର ଅନେକ ମହିଳା ଯୋଗ ଦେଇଥିଲେ । ଧର୍ମଗଡ଼ ବ୍ଲକ ଟିମ୍ ର କାର୍ଯ୍ୟକର୍ତ୍ତା ସୋମ୍ୟରଞ୍ଜନ ନାଏକ, ରମେଶ ସାଗର,ରୋହିତ ବାଗ, ନରେଶ ସୁନାନୀ, ବନବିହାରୀ ତାଣ୍ଡି, ଅରବିନ୍ଦ ବାଗ ବାଗ, ଗଜିନ୍ଦ ତାଣ୍ଡି, ଅଶ୍ୱିନ ତାଣ୍ଡି, ନମିତା ବାଗ ଓ ଗାଁ ର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସାପ କାମୁଡାରେ ମହିଳା ମୃତ



ଆସିକା: ନିପ୍ର ଆସିକା ଥାନା ବରଗାଁ ପଞ୍ଚାୟତ ର କସ୍ତୁରୀ ନାହାକ ଙ୍କ ସର୍ପ ଦଂଶନ ରେ ମୃତ୍ୟୁ ହୋଇଛି। ପ୍ରକାଶ ଥାଉକି କସ୍ତୁରୀ ନାହାକ ବିଲରେ ଧାନ ତାଳି ଭାଙ୍ଗୁଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ିଥିଲା. ସେ ବିଲରେ ପଡି ଚିତ୍କାର କରିବାରୁ ଗ୍ରାମବାସୀ ତାଙ୍କୁ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା ପରେ ରୋଗୀର ଅବସ୍ଥାରେ କିଛି ସୁଧାର ନଆସିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରିବାକୁ ପରାମର୍ଶ ଦେଇଥିଲେ। କସ୍ତୁରୀଙ୍କୁ ବ୍ରହ୍ମପୁର ନେଉଥିବା ବେଳେ ହିଞ୍ଜିଳିକାଟୁ ଠାରେ ତାଙ୍କ ଅବସ୍ଥା ଆହୁରି ଖରାପ ହେବାରୁ ତାଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ରଖାଯାଇଥିଲା। ହିଞ୍ଜିଳିକାଟୁ ଡାକ୍ତରଖାନା ରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ. ଏନେଇ କସ୍ତୁରୀଙ୍କ ପୁଅ ଆସିକା ଥାନା ରେ ଲିଖିତ ଅଭିଯୋଗ କରିବା ପରେ ଆସିକା ଥାନା ପକ୍ଷରୁ ୩୪/୨୨ପ୍ରକାରେ ଏକ ଅପମୃତ୍ୟୁ ମାମଲା ରଜୁକରି ଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି। ପ୍ରକାଶ ପୋଲିସ ଥାଉକି ତଦନ୍ତ ପରେ ଶବ ବ୍ୟବଚ୍ଛେଦ ପାଇଁ ଥାନା ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି

# ଶେରଗଡ଼ ବ୍ଲକରେ ନୂତନ ବିଡ଼ିଓଙ୍କ ଯୋଗଦାନ



ଶେରଗଡ: ବୁଧବାର ଶେରଗଡ଼ ବ୍ଲକ ର ନୂତନ ବିଡ଼ିଓ ଭାବେ ଶ୍ରୀ ଶିବାଶିଷ ବରାଳ ଦାୟିତ୍ୱ ଗ୍ରହଣ କରିଛନ୍ତି ଏହାପୂର୍ବରୁ ସେ କରଞ୍ଜିଆ ବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ ।ଶେରଗଡ଼ ବ୍ଲକ ର ଉନ୍ନତି ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସାଧାରଣ ଜନତା ସମସ୍ୟା କୁ ଅଗ୍ରାଧିକାର ଦେବାକୁ ଶ୍ରୀ ବରାଳ ପ୍ରତିଶୃତି ଦେଇଛନ୍ତି ।ଶେରଗଡ଼ ତହସିଲଦାର ଡ଼ ଦାୟସିନ୍ଧୁ ପରିଡା, ହିଞ୍ଜିଳି ପୌରପାଳିକ ଅଧିକାରୀ ଶ୍ରୀ ମନୋରଞ୍ଜନ ସାହୁ ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାତକୋଶିଆକୁ ମିଳିଲା ରାମସାର ମାନ୍ୟତା

ଅନୁଗୁଳ – ଅନୁଗୁଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟକୁ ଆଜି ୟୁନିସ୍କୋ ପକ୍ଷରୁ ରାମସାର ମାନ୍ୟତା ମିଳିଛି । ଏଭଳି ଏକ ଅନ୍ତରରାଷ୍ଟ୍ରୀୟ ମାନ୍ୟତା ହାସଲ କରିବା ଏକ ଗୌରବର କଥା । ସାରା ଭାରତ ବର୍ଷରେ ଚଳିତ ଥର ୧୦ ସ୍ଥାନ ଏହି ରାମସାର ମାନ୍ୟତା ପାଇଥିବା ବେଳେ ଏହା ଭିତରୁ ସାତକୋଶିଆ ଅନ୍ୟତମ । ଓଡିଶାର ଏହା ତୃତୀୟ ସ୍ଥାନ ଭାବେ ଏହି ମାନ୍ୟତା ପାଇଥିବା ବେଳେ ପୂର୍ବରୁ ଭିତରକନିକା ଓ ଚିଲିକା ଏହି ମାନ୍ୟତା ପାଇଥିଲା । ସମଗ୍ର ବିଶ୍ୱରେ ଆର୍ଦ୍ରଭୂମିଗୁଡିକର ଚିହ୍ନଟ କରାଯାଇ ରାମସର ସ୍ୱୀକୃତି ଦିଆ ଯାଇଥାଏ, ଯାହା ଆନ୍ତର୍ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

# ସାପ କାମୁଡ଼ାରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଗୁରୁତର

ବୁଗୁଡ଼ା: ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ଆଦିପୁର ଗ୍ରାମ ବଡଦାଣ୍ଡ ସାହିର ସୁରେନ୍ଦ୍ର ନାଥ ବିଷୋୟୀ (୫୮) ସାପ କାମୁଡ଼ାରେ ଆହତ ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ , ଆଜି ସକାଳେ ସୁରେନ୍ଦ୍ର ନିଜ ପଦରରେ ଘାସ ଉପୁଡାଉଥିବା ବେଳେ ଏକ ନାଗସାପ ତାଙ୍କ ବାମ ହାତର ବୁଢ଼ା ଅଙ୍ଗୁଳିକୁ କାମୁଡି ଦେଇଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରକାଶ ଯୋଗ୍ୟ ଯେ , ସୁରେନ୍ଦ୍ର ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ କାର୍ଯ୍ୟରତ କର୍ମଚାରୀ ଅଟନ୍ତି ।

# ଗୋଲିଆ ଅଙ୍ଗନାବାଡି କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ବୁଗୁଡା: ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନାବାଡି ଦ୍ୱିତୀୟ କେନ୍ଦ୍ରରେ ବୁଧବାର ଦିନ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଦିବସ ପାଳିତ ହୋଇଯାଇଛି। ଉକ୍ତ କେନ୍ଦ୍ରର କର୍ମୀ ଗୋଲାପ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ଅଞ୍ଚଳ ପରିଦର୍ଶିକା ତ୍ରିପୁରା ମୋହିନୀ ଦାଶ ଉପସ୍ଥିତ ରହି ବିଶ୍ୱ ସ୍ତନ୍ୟପାନ ସପ୍ତାହ ଦିବସ ର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ମା କ୍ଷୀରର ଆବଶ୍ୟକତା ଓ ଏହାର ଉପକାରିତା ସମ୍ପର୍କରେ ବୁଝାଇ ଥିଲେ। ଏ ଅବସରରେ ଏକ ଶୋଭାଯାତ୍ରା ମାଧ୍ୟମରେ ସାହି ପରିକ୍ରମା କରାଯାଇ ମହିଳାଙ୍କ ମଧ୍ୟରେ ଏହି ଦିବସ ସଂପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନାବାଡି କର୍ମୀ, ସହାୟିକା, ଆଶାକର୍ମୀ,ପ୍ରସୂତି ମହିଳା, ମାତୃ ଅଭିଭାବକ, କିଶୋରୀ ବାଳିକା, ଯାଞ୍ଚ କମିଟିର ସଭ୍ୟା ସଭ୍ୟ ପ୍ରମୁଖ ଯୋଗଦେଇଥିଲେ।।

# କାଉନସିଲରଙ୍କୁ ମରଣାନ୍ତକ ଆକ୍ରମଣ

ଅନୁଗୁଳ – ଅନୁଗୁଳ ୫ ନମ୍ବର କାଉନସିଲରକୁ ମରଣାନ୍ତକ ଆକ୍ରମଣ ହୋଇଛି । କାଉନସିଲର ରଞ୍ଜିତ ମାଣ୍ଡୋଠିଆ ତାଙ୍କ ଦୋକାନରୁ ଘରକୁ ଯାଉଥିବା ବେଳେ ଦୁଇ ଦୁର୍ବୃତ୍ତ ଟାଙ୍ଗିଆରେ ହାଣି ଫେରାର ହୋଇ ଯାଇଛନ୍ତି । ସୂଚନା ଅନୁସାରେ ରଞ୍ଜିତ ଦୋକାନ ବନ୍ଦ କରି ପ୍ରାୟ ୧୦ ଟା ୩୦ ବେଳେ ନିଜ ସ୍କୁଟିରେ ଘରକୁ ଫେରୁଥିଲେ । ତେବେ ହଠାତ ମୋଟରସାଇକେଲରେ ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କୁ ପଛରୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ସୌଭାଗ୍ୟବଶତଃ ଟାଙ୍ଗିଆଟି ମୁଣ୍ଡରେ ନ ବାଜି ଡାହାଣ କାନ୍ଧରେ ବାଜିଥିଲା । କ୍ଷତାକ୍ତ ଅବସ୍ଥାରେ ରଞ୍ଜିତ ଅନୁଗୁଳ ଥାନାରେ ଆସି ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗ ପାଇବା ପରେ ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଛି । ରାଜନୈତିକ ଶତ୍ରୁତାରୁ ତାଙ୍କୁ ଏଭଳି ଆକ୍ରମଣ କରା ଯାଇଥିବା ରଞ୍ଜିତ ସନ୍ଦେହ କରୁଛନ୍ତି।

# ଚାକିରି କରାଇଦେବାକୁ କହି ଠକିନେଇଥିଲେ ୨୧ ଲକ୍ଷ, ବାନ୍ଧିଲା ପୁଲିସ



ମାଲକାନଗିରି: ଚକାଚକ ପୋଷାକ। କଥାବାର୍ତ୍ତା ମଧ୍ୟ ପୂରା ଅଫିସର ଷ୍ଟାଇଲରେ କରିଥିଲେ। ଆଚାର ବ୍ୟବହାରରେ ସେ ଜଣେ ପ୍ରଶାସନିକ ଉଚ୍ଚପଦସ୍ତ ଅଧିକାରୀ ବୋଲି ଅନ୍ୟକୁ ବିଶ୍ୱାସ ଦେଇପାରୁଥିଲେ। ଭରସା ଦେବା ପରେ ଭଲ ସ୍ଥାନରେ ଚାକିରି କରାଇ ଦେବେ ବୋଲି ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ପ୍ରତିଶ୍ରୁତି ଦେଇ ଠକି ନେଉଥିଲେ ଲକ୍ଷାଧିକ ଟଙ୍କା। ଏଭଳି ଜଣେ ଠକକୁ ଧରିଛି ମାଲକାନଗିରି ଜିଲ୍ଲା ମାଥିଲି ପୁଲିସ। ଏହି ଠକ ଜଣକ ଚିନ୍ମୟ ମହାପାତ୍ର। ଘର ବାଲେଶ୍ୱର ଗେଙ୍ଗୁଟି ଅଂଚଳରେ। ଭୁବନେଶ୍ୱରରୁ ତାଙ୍କୁ ଗିରଫ କରାଯାଇଛି। ଚାକିରି ଦେବା ନାଁରେ ଏହି ଠକ ବିଭିନ୍ନ ଯୁବକଯୁବତୀଙ୍କ ଠାରୁ ପ୍ରାୟ ୨୧ ଲକ୍ଷ ଠକି ନେଇଛି। ମାଲକାନଗିରି ଜିଲା ମାଥିଲି ଅଂଚଳ ୪ ଯୁବକଯୁବତୀ ଏପରି ଠକାମୀର ଶୀକାର ହୋଇଛନ୍ତି। ସରକାରୀ ଭଲ ପଦ ପଦବିରେ ରଖାଇ ଦେବାକୁ ଯୁବକଯୁବତୀଙ୍କ ମନରେ ବିଶ୍ୱାସ ଜନ୍ମାଇ ଲକ୍ଷାଧିକ ଟଙ୍କା ଚଲୁ କରାଇ ନେଇଥିଲା ଠକ ।ସେମାନଙ୍କ ଅଭିଯୋଗ କ୍ରମେ ପୁଲିସ ଘଟଣାର ତଦନ୍ତ କରି ସଂପୃକ୍ତ ଠକକୁ ଧରିବାରେ ସକ୍ଷମ ହୋଇଛି । ମାଥିଲି ଅଂଚଳର ଏହି ଯୁବକ ଓ ଯୁବତୀଙ୍କୁ ଏଫସିଆଇ, ବିଏସଏସଓ, ଏସଆଇ, କିରାଣୀ ଏବଂ ଆଦର୍ଶ ବିଦ୍ୟାଳୟର ଶିକ୍ଷୟତ୍ରୀ କରାଇ ଦେବାକୁ ବିଶ୍ୱାସ ଜନ୍ମାଇ ସେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ନେଇଥିଲା। ତେବେ ଠକ ଠାରୁ କେତେ ଟଙ୍କା ଜବତ ହୋଇଛି ଓ ଠକାମୀର ଶିକାର ଯୁବତଯୁବତୀ କିପରି ଟଙ୍କା ଫେରିପାଇବେ ସେନେଇ ପୁଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନି। ଏନେଇ କେବଳ ଏକ ମାମଲା କରାଯାଇ ଠକ ବ୍ୟକ୍ତିଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ଶାରଦୀୟ ପୂଜା ପାଇଁ ପ୍ରସ୍ତୁତି ବୈଠକ



ରାଇଘର: ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ର ମୁଖ୍ୟ ଦପ୍ତର ରେ ଥିବା ପଲ୍ଲୀସଂସଦ ଯୁବକ ସଂଘ ତରଫରୁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏହି ବୈଠକ ରେ ଅଂଚଳ ର ତଥା ଯୁବକ ସଂଘ ର ସମସ୍ତ ବୈଜ୍ୟେଷ୍ଠ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ଆସନ୍ତା ଦିନରେ ହେବାକୁ ଥିବା ଗଣେଶ ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଓ କାଳୀ ପୂଜା କିଭଳି ଭାବରେ ସମାପନ ହେବ ତାହା ଉପରେ ମୁଖ୍ୟ ଲକ୍ଷ୍ୟ ରଖାଯାଇଥିଲା । ବିଗତ ଦୁଇ ବର୍ଷ ହେଲା ମହାମାରୀ କରୋନା ହେତୁ ପୂଜା ପର୍ବ ଇତ୍ୟାଦି ବନ୍ଦ ଥିଲା କିନ୍ତୁ ଏ ବର୍ଷ କୋଭିଡ ନିୟମ ମାନି ପର୍ବ ପାଳନ କରାଯିବ ବୋଲି ନିଷ୍ପତି ନିଆ ଯାଇଛି । ରାଇଘର ଅଂଚଳ ର ଗାଉଁଟିଆ ଶ୍ରୀ କମଳ ସିଂ ରାଜପୁତ ଙ୍କ ପରିଚାଳନା ରେ ସଭା ରେ ନୂତନ କମିଟି ଗଠନ କରାଯାଇଥିଲା ନୂତନ ପୂଜା କମିଟି ରେ ରାଇଘର ର ଯୁବ ସରପଞ୍ଚ ଲମ୍ବୋଦର ମାଝୀ ଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା,ଉପ ସଭାପତି ଗୋପାଳ ସୁନାନୀ,ସମ୍ପାଦକ ଗଣେଷ ସୁନା,ସହ ସମ୍ପାଦକ କସ୍ତୁରୀ ଦାସ,କୋଷାଧକ୍ଷ ଦିଲୀପ ପାତ୍ର ଙ୍କୁ ଚୟନ କରାଯାଇଥିଲା । ଏହା ସହ ଯୁବକ ସଂଘର ଅନ୍ୟାନ ଯୁବକ ମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯିବା ସହ ଦୀର୍ଘ ବର୍ଷ ଧରି ଦାୟିତ୍ୱ ତୁଲାଇ ଆସୁଥିବା ଜଣେ ପୁରୁଖା ବ୍ୟକ୍ତି ଦିବାକର ନାୟକ ଙ୍କୁ ପୂଜା ପର୍ବର ପରିଚାଳନା କରିବା ପାଇଁ ଦାୟିତ୍ୱ ଦିଆ ଯାଇଥିଲା ।

# ବାଇକ ଚୋରୀ
## ଥାନାରେ ଅଭିଯୋଗ

ଯୋଡ଼ା, ୮।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା ଅଞ୍ଚଳ ରେ ବାଇକ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ,ବିଲେଇପଦା। ଅଂଚଳରେ ରହୁଥିବା ପୁରୁଷୋତ୍ତମ ଗାଗ୍ରାଇ ଙ୍କ ଘରେ ଥିବା ବାଇକ ନଂ ଓଡ଼ି ୦୯କ୍ୟୁ ୯୨୪୦ ଟି ଗତ ତା ୨୭/୦୭/୨୦୨୨ରିଖ ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ଚୋରୀ ହୋଇଯାଇଥିଲା । ବହୁ ଖୋଜାଖୋଜି ପରେ ନ ପାଇବାରୁ ପୋଲିସ କୁ ଜଣାଇଥିଲେ ।ଅଭିଯୋଗ ପରେ ପୋଲିସ ଏ ନେଇ ଏକ କେସ ନଂ ୨୦୫/୨୨ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି ।

# ଗଞ୍ଜେଇ ଜବତ
# ଜଣେ ଗିରଫ



ଜଗତସିଂହପୁର: ଜଗତସିଂହପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଜୟନ୍ତୀ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା ଅବକାରୀ ସ୍କ୍ୱାର୍ଡ ଇନ୍ସପେକ୍ଟର ମଞ୍ଜୁଲତା ରାଉତଙ୍କ ନେତୃତ୍ୱରେ ଜଗତସିଂହପୁର ଥାନା ଅଧିନ ରମ୍ଭାଦେଇପୁର ଗ୍ରାମରେ ଚଢ଼ାଉ କରାଯାଇ ୧୫ କେଜି ୨ ସହ ଗଞ୍ଜେଇ ଜବତ କରିବା ସହ ଚୋରା ଗଞ୍ଜେଇ ବେପାରୀ ପ୍ରିୟବ୍ରତ ଦାସକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ମୋବାଇଲ ସ୍କ୍ୱାର୍ଡ ଓଆଇସି ସୌମ୍ୟ ରଞ୍ଜନ ବେହେରା, ଏଏସଆଇ ପଦ୍ମଲୋଚନ ଟୁଡୁ, କନେଷ୍ଟବଳ ବିଶ୍ୱନାଥ ମୁଣ୍ଡା , ସବିତା ନାୟକ ପ୍ରମୁଖ ସାମିଲ ଥିଲେ ।

### ବ୍ଲକ ଶିକ୍ଷା ଅଧିକାରୀଙ୍କ ନିଦ ଭାଙ୍ଗିବା ପରେ

# ଆନ୍ଦୋଳନରୁ ନିବୃତ ହେଲେ ଛାତ୍ର ଛାତ୍ରୀ



ନବରଙ୍ଗପୁର ୮।୮(ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ରୁପ ରେଖ ବାହାରୁ ଯିଏ ବି ଦେଖିବ ଲାଗିବ ଭାରି ସୁନ୍ଦର। ପ୍ରକୃତ ରେ ସମସ୍ତ ଅଭିଭାବକ ଙ୍କ ମନରେ ନିଜ ନିଜ ପୁଅ ଝିଅ ଙ୍କୁ ଏହି ବିଦ୍ୟାଳୟ ରେ ପାଠ ପଢ଼ାଇବା ପାଇଁ ଅନେକ ଆସା ରହିଥାଏ, କିନ୍ତୁ ଦୁର୍ଭାଗ୍ୟଜନକ କଥା ଯେ ବିଦ୍ୟାଳୟ ଯେତିକି ବାହାରୁ ଦିଶିବାରେ ଚିକ୍ ଚକ୍ ଦର୍ପଣ ଠାରୁ ବି ସୁନ୍ଦର ଯଦି ବିଦ୍ୟାଳୟ ରେ ସେତିକି ସୁନ୍ଦର ଭାବରେ ପାଠ ପଢା ଉପରେ ମଧ ଦୃଷ୍ଟି ଦିଆ ଯାଇଥାନ୍ତା, ତ ସତରେ ଲାଗିଥାନ୍ତା ବିଦ୍ୟାଳୟ ଟି ଉନ୍ନତ ମାନର ହୋଇଛି। କିନ୍ତୁ ଦୁଃଖର କଥା ଖୋଦ୍ ସେହି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଏବେ ଯେମିତି କି ତାଙ୍କ ଶିକ୍ଷକ ରାଜଧାନି ଭୁବନେଶ୍ୱର ତାଙ୍କ ପାରିଶ୍ରମିକ ବଢ଼ାଇବା ପାଇଁ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳୁଥିବା ବେଳେ, ଏଠାରେ ପାରିଶ୍ରମିକ ପାଇଁ ନୁହେଁ ଶିକ୍ଷକ ନିଯୁକ୍ତି ପାଇଁ ଛାତ୍ର ଛାତ୍ରୀ ବିଦ୍ୟାଳୟ ରେ ପାଠ ପଢ଼ିବା ପରିବର୍ତ୍ତେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ ହୋଇଛନ୍ତି। ଏଭଳି ବିକଳ ଦୃଶ୍ୟ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମାଝୀଗୁଡା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ଦେଖିବାକୁ ମିଳୁଛି। ବାରମ୍ବାର ଶିକ୍ଷକ ଅଭାବ ବିଷୟରେ ଶିକ୍ଷା ବିଭାଗ କୁ ଅଭିଯୋଗ କରୁଥିଲେ ମଧ କାହାର ଦୃଷ୍ଟି ପଡୁନଥିଲା, ଯେଉଥି ପାଇଁ ଆଜି ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଅଭିଭାବକ ମାନେ ବିଦ୍ୟାଳୟ ରେ ଶିକ୍ଷକ ପଦବୀ ପୂରଣ ନେଇ ବିଦ୍ୟାଳୟ ମୁଖ୍ୟ ଫାଟକ ରେ ତାଲା ଠୁଙ୍କି ଧାରଣାରେ ବସିଥିବା ଦେଖିବାକୁ ମିଳିଛି ! ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କ ଠାରୁ ପ୍ରକାଶ କି, ବହୁଦିନ ହେବ ଏହି ଆଦର୍ଶ ବିଦ୍ୟାଳୟ ରେ ଫିଜିକ୍ସ ଓ ଇଂରାଜୀ ଶିକ୍ଷକ ପଦବୀ ଖାଲି ପଡିଛି ! ଉକ୍ତ ଦୁଇ ଶିକ୍ଷକ ପଦବୀ ପୂରଣ ପାଇଁ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ ଦାବି କରିବା ପରେ ବି ଶିକ୍ଷା ବିଭାଗୀୟ ଅଧିକାରୀଙ୍କ କୁମ୍ଭକର୍ଣ ନିଦ୍ରା ଭାଙ୍ଗିଲା ନାହି। ଯାହା ଫଳ ରେ ଶିକ୍ଷକ ପଦବୀ ପୂରଣ ନହେବାରୁ ଆଜି ବାଧ ହୋଇ ଶତାଧିକ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ବିଦ୍ୟାଳୟ ସମ୍ମୁଖ ଫାଟକରେ ତାଲା ଦେଇ ଆନ୍ଦୋଳନ କରିଛନ୍ତି ।ଏହି କଥା ପବନ ବେଗରେ ଜାଣିବା ପରେ କଷାଗୁମୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ରାୟ ଙ୍କ ନିଦ ଭାଙ୍ଗିଛି,ତୁରନ୍ତ ଆନ୍ଦୋଳନ କରୁଥିବା ଛାତ୍ର ଛାତ୍ରୀ ଓ ଅଭିଭାବଙ୍କୁ ବହୁତ୍ ଜଲ୍‌ଦୀ ଦୁଇଟି ଶିକ୍ଷକ ଙ୍କ ଅଭାବ ପୂରଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଛି। କଷାଗୁମୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଙ୍କ ପ୍ରତିଶୃତି ପାଇବା ପରେ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକ ଆନ୍ଦୋଳନ ପ୍ରତ୍ୟାହାର କରିନେଇଛନ୍ତି ।ଦେଖା ଯାଉ ପ୍ରତିଶ୍ରୁତି ପ୍ରତିଶ୍ରୁତି ରେ ରହିଛି ନା କାର୍ଯ୍ୟ କାରୀ ହେଉଛି ଛାତ୍ର ଛାତ୍ରୀ ଓ ଅଭିଭାବକ ତାହା ଦେଖିବାର ବାକି ରହିଲା।

# ବିଜେଡି ସଙ୍ଗଠନ ନାମରେ ଅର୍ଥ ହଡପ ଅଭିଯୋଗ

ଯୋଡ଼ା : କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସ୍ଥିତ ବାଉଁଶପାଣି ରେଳ ସାଇଡିଙ୍ଗରେ ସ୍ଥାନୀୟ ଯୁବକଙ୍କୁ ଲୋଡ଼ିଂ କାର୍ଯ୍ୟରେ ନିଯୁକ୍ତ କରି ତଥା ବିଜେଡି ସଂଗଠନକୁ ମଜବୁତ କରିବା ପାଇଁ ଚମ୍ପୁଆ ବିଧାୟିକା ଉଦ୍ୟାମ କରିଥିଲେ। ହେଲେ କିଛି ଛାମୁଆ ବିଜେଡି ନେତା ପ୍ରତି ଯୁବକଙ୍କୁ ମାସିକ ଦୁଇ ହଜାର ଟଙ୍କା ଦିଆଯାଉଥିବା କହି ବିପୁଳ ପରିମାଣର ଟଙ୍କା ହଡ଼ପ କରାଯାଇଥିବା ଭଳି ଅଭିଯୋଗ ଆଣିଛନ୍ତି କାମରଯୋଡ଼ା ଅଞ୍ଚଳର ଏମ. ଡି.ସବିର ଖାନ ଓରଫ ନାନକୀ। ସେ ଅଭିଯୋଗ କରି କହିଛନ୍ତି ଯେ, ବିଜେଡି ଦଳ ପକ୍ଷରୁ ବାଉଁଶପାଣି ରେଳ ସାଇଡିଂରେ ଲୋଡିଂ କାର୍ଯ୍ୟ କରିବା ପାଇଁ ଶ୍ରୀ ହରି ଲୋଡିଙ୍ଗ ଟ୍ରାନ୍ସପୋର୍ଟ ନାମକ ସଂସ୍ଥାକୁ ଦିଆଯାଇଛି। ଲୋଡୀଙ୍ଗ କାର୍ଯ୍ୟରେ ସୁରକ୍ଷା ଓ ବିଜେଡି ଦଳକୁ ସାଂଗଠାନିକ ସ୍ଥିତି ମଜବୁତ କରିବା ପାଇଁ ଯୋଡ଼ା ପୌର ପାଳିକାର ୧୪ ଟି ୱାର୍ଡରୁ ୧୦ ଜଣ ଲେଖାଏଁ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତ କରା ଯାଇଛି। ଏହି ଯୁବକଙ୍କୁ ପ୍ରତିମାସ ୨୦୦୦ ହଜାର ଟଙ୍କା ପାରିଶ୍ରମିକ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ଦୀର୍ଘ ୩ ମାସ ହେବ କିଛି ଯୁବକ ମାନଙ୍କୁ ସେମାନଙ୍କର ପ୍ରାପ୍ୟ ମିଳିପାରିନଥିବା ଅଭିଯୋଗ ହୋଇଛି । ଏହି ଲୋଡିଂ ବ୍ୟବସାୟରୁ ଅସୁଥିବା ଅର୍ଥକୁ ସଂସ୍ଥା ପକ୍ଷରୁ ଦାୟିତ୍ୱ ନେଇଥିବା ତଥା ବିଜେଡି ଦଳର ଜିଲ୍ଲା ସହ ସମ୍ପାଦକ ବାବୁଲାଲ ସାହୁ ଓ ଗୋବିନ୍ଦ ସାହାଙ୍କୁ ଯୁବକ ମାନେ ମିଳିନଥିବା ପ୍ରାପ୍ୟ ସମ୍ପର୍କରେ ପଚାରିବାରୁ ସେମାନଙ୍କର ଟଙ୍କା ଫେରିଯାଇଛି। ଏ ନେଇ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ କିଛି ଯୁବକଙ୍କୁ ମିଳିନଥାଇପାରେ। ଅନୁଧ୍ୟାନ କରାଯାଇ ଏହାର ସମାଧାନ କରାଯିବ ।

# ମଦ ଜବତ, ୧ ଗିରଫ



ଜଗତସିଂହପୁର : ଜଗତସିଂହପୁର ଜିଲ୍ଲାର ନାଉଗାଁ ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରୟ ଓ ଗଛିତ ରହୁଥିବାର ଖବର ପାଇ, ଜଗତସିଂହପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଏସପି ଆଖିଳେଶ୍ୱର ସିଂହ ସାହାଯ୍ୟ ସହଯୋଗ ଆଧାରରେ ଆଜି ଜଗତସିଂହପୁର ଅବକାରୀ ବିଭାଗର ଓ. ଆଇ. ସି ରଞ୍ଜୁଲତା ବାରିକ ଓ ତାଙ୍କ ଟିମ ଜାମୁଗାଁ ଅଞ୍ଚଳର ହଡା ନାମକ ଏକ କୁଖ୍ୟାତ ଚୋରା ମଦ ବେପାରୀଙ୍କ ଘରେ ଚଢ଼ାଉ କରି ତାଙ୍କ ବାସଗୃହ ମଧ୍ୟରୁ ୮୦ ପେଟି ଆସ୍କା-୪୦ ଓ ୧୪ ପେଟି ଫରେନ୍ ଲିକର ଜବତ କରାଯାଇଛି। କିନ୍ତୁ ହଡା ଘରେ ଅନୁପସ୍ଥିତ ଥିବା ସମୟରେ ତାଙ୍କ ସ୍ତ୍ରୀ ରତ୍ନାବତୀ ସାହୁ ଫେରାର ହେବାରେ ସକ୍ଷମ ହୋଇଥିଲେ। ତାଙ୍କ ବିରୋଧରେ ଅବକାରୀ କେଶ ନଂ ୪୧/୨୨-୨୩ ରେ ଏକ ମାମଲା ରୁଜୁ କରାଯାଇଛି। ଏହି ମଦର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ଏବଂ ହଡା ଘର ପାଖ ଗଣେଶ ଚନ୍ଦ୍ର ବେହେରାଙ୍କ ଘରୁ ୬ ପେଟି ଆସ୍କା-୪୦ ଜବତ କରିବା ସହିତ ତାଙ୍କୁ ମଧ ଗିରଫ କରାଯାଇଛି । ଆଗାମୀ ଦିନରେ ହଡା ଓରଫ ପ୍ରକାଶ ସାହୁ ଏବଂ ତାଙ୍କ ସ୍ତ୍ରୀ ରତ୍ନାବତୀ ସାହୁଙ୍କୁ ଗିରଫ ପରୱାନା ଜାରି ପାଇଁ ଚେଷ୍ଟା କରାଯିବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ଚଢ଼ାଉରେ ତିର୍ତ୍ତୋଲ ଅବକାରୀ ଥାନା ଓ. ଆଇ. ସି ବଳରାମ ଦାସ, କନେଷ୍ଟବଳ ପ୍ରକାଶ ଚନ୍ଦ୍ର ରାଉତ, ବର୍ଷା ଖୁଣ୍ଟିଆ, ଜୟଦେବ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ପାପଡାହାଣ୍ଡି ଠାରେ ଶହୀଦ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ନବରଙ୍ଗପୁର : ଜିଲ୍ଲା ପାଳଙ୍କ ନିର୍ଦ୍ଦେଶ ରେ ପାପଡାହାଣ୍ଡି ବ୍ଲକ ସଭାଗୃହ ଠାରେ ଶହୀଦ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ପ୍ରତିବର୍ଷ ଭଳି ଚଳିତ ଅଗଷ୍ଟ ମାସ ୨୪ତାରିଖ ଦିନ ପାପଡାହାଣ୍ଡି ଶହୀଦ ସ୍ତମ୍ଭ ଠାରେ ଶହୀଦ ଦିବସ ପାଳନ ପୂର୍ବକ ସ୍ୱାଧୀନତା ସଂଗ୍ରାମୀ ଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ, ସଂଗ୍ରାମୀ ପରିବାର ର ଦାୟାଦ ମାନଙ୍କୁ ସମ୍ମାନିତ କରାଯିବା ର ଆଲୋଚନା କରାଯାଇଛି କୋଭିଡ କଟକଣା କୁ ଆଖି ଆଗରେ ରଖି କମ ସଂଖ୍ୟକ ଲୋକଙ୍କୁ ନେଇ ଶହୀଦ ଦିବସ ପାଳନ କରିବାକୁ ଜିଲ୍ଲାପାଳ କାମଳଲୋଚନ ମିଶ୍ର କହିଥିଲେ ଚଳିତ ଶହୀଦ ଦିବସ ରେ ସ୍ଥାନୀୟ ସାଂସଦ ଓ ବିଧାୟକ ମାନଙ୍କୁ ଅତିଥି ରୂପେ ଡକାଯିବା ବିଷୟରେ ଆଲୋଚନା କରାଯାଇଛି ଏହି ବୈଠକ ରେ ଶହୀଦ ସ୍ତମ୍ଭ ର ସୁରକ୍ଷା, ରକ୍ଷଣା ବେକ୍ଷଣ ବିଷୟରେ ଅତିଥି ମାନେ ଆଲୋଚନା କରିଥିଲେ ଏହି ପ୍ରସ୍ତୁତି ବୈଠକରେ ନବରଙ୍ଗପୁର ଜିଲ୍ଲାପାଳ କମଳଲୋଚନ ମିଶ୍ର, ପି. ଡି. ରତ୍ନାକର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବି ଡି ଓ ରଂଜିତା ମଲ୍ଲିକ, ପାପଡାହାଣ୍ଡି ବ୍ଲକ ଅଧକ୍ଷା, ଉପାଧକ୍ଷ, ଶହୀଦ ପରିବାର ର ମୁନା ତ୍ରିପାଠୀ, ସତ୍ୟ ଦାସ, ପୂର୍ବତନ ନଗେନ୍ଦ୍ର ପଟନାୟକ, ପାପଡାହାଣ୍ଡି ର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବଜ୍ରାଘାତ ଦ୍ୱାରା ୨ଜଣଙ୍କ ଅକାଳମୃତ୍ୟୁ

କୋଟପାଡ ୮।୮(ନି.ପ୍ର): ବଜ୍ରାଘାତ ଦ୍ୱାରା କୋଟପାଡ଼ ବ୍ଲକ ଅନ୍ତର୍ଗତ ବଡାସନା ପଞ୍ଚାୟତ ଅଧିନସ୍ଥ ପଟ୍ରୋଗୁଡା ଗ୍ରାମର ଦୁଇ ମହିଳାଙ୍କ ବଜ୍ରାଘାତରେ ଅକାଳମୃତ୍ୟୁ ହୋଇଥିବା ଖବର ହସ୍ତଗତ ହୋଇଛି। ମୃତ ଦୁଇଜଣ ମହିଳାଙ୍କ ନାମ“କମଳା ସମରଥ(ବୟସ ୨୯) ଓ ଦୈମତି ସମରଥ(ବୟସ ୩୦) ହୋଇଥିବାବେଳେ ଜମିରେ ଚାଷ କାମ କରୁଥିବା ସମୟରେ ବଜ୍ରାଘାତ ଦ୍ୱାରା ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି ଦୁଇଜଣଯାକ ସଂପର୍କରେ ଜାହୋଇଥିବା ବେଳେ, ଗୋଟିଏ ପରିବାରର ବୋହୁ ଦୁଇବୋହୁଙ୍କ ମୃତ୍ୟୁର ଖବର ଶୁଣିବା ପରେ ପଟ୍ରୋଗୁଡା ଗ୍ରାମ ସହ କୋଟପାଡ଼ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କାର ଧକ୍କାରେ ବାଇକି ଆରୋହି ମୃତ୍ୟୁ, ପ୍ରତିବାଦରେ ରାସ୍ତା ରୋକ



ବୋରିଗୁମା : କାର ଧକ୍କାରେ ବାଇକ ଆରୋହୀ ମୃତ । କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ୨୬ ଉପରେ ଶବ ରଖି ରାସ୍ତା ରୋକ କଲେ ପରିବାର ଲୋକଙ୍କ ସହ ସମ୍ପର୍କୀୟ ।ଫଳରେ ରାସ୍ତାରେ ଅଟକି ରହିଛି ଶହ ଶହ ଗାଡି ମଟର। ଗତ କାଲି ସନ୍ଧ୍ୟାରେ ଗୋଟିଏ କାର ଧକ୍କାରେ ବାଇକ ଚାଳକ କୃଷ୍ଣ ଅମାନତ୍ୟଙ୍କର ମୃତ୍ୟୁ ହୋଇଥିଲା ।ପୋଲିସ ଘଟଣା ସ୍ଥଳରେ ପହ ଲୋକଙ୍କୁ ବୁଝାସୁଝା କଲା. କ୍ଷତି ପୁରଣ ପ୍ରତିସୂତିତୀ ପରେ ଉଠିଲା ରାସ୍ତା ରୋକ।

# ପରୀକ୍ଷା ମୂଳକ ଭାବେ ଆରମ୍ଭ ହେଲା ବିମାନ



ଜୟପୁର,୮।୮(ନି.ପ୍ର): ଜୟପୁରରୁ ନିୟମିତ ବିମାନ ସେବା ଆରମ୍ଭ ନେଇ ଆଜି ୯ସିଟ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ଉଡାଣ କରିଛି। ଆଜି ଏୟାର ପୋର୍ଟ ରେ ଜୟପୁର ଉପ ଜିଲ୍ଲାପାଳ ବେଦ ବର ପ୍ରଧାନ ଓ ଏସଡିପିଓ ଅରୂପ ଅଭିଷେକ ବେହେରା ଉପସ୍ଥିତ ଥିଲେ।“ଆଜି ପରୀକ୍ଷା ମୂଳକ ଭାବେ ଭୁବନେଶ୍ୱରରୁ ଜୟପୁରକୁ ୯ ସିଟ ବିଶିଷ୍ଟ ବିମାନ ଉଡାଣ ଭରିଥିଲେ ବି ଜୟପୁର ବିମାନ ବନ୍ଦରରେ ଅନେକ ତ୍ରୁଟି ଥିବା କଥା କହିଛି ।ତେଣୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ପାଇଁ ଅନୁମତି ଦେଉନି . ଆଉ ଏକଥା ସ୍ପଷ୍ଟ କରିଛନ୍ତି ଜୟପୁର ଏୟାରପୋର୍ଟ ମ୍ୟାନେଜର ଓ ଜୟପୁର ଉପଜିଲ୍ଲାପାଳ ।ଆଜି ଘରୋଇ ଇଣ୍ଡିଆ ୱାନ୍ ଏୟାରର ୪ଜଣ ଅଧିକାରୀ ପରୀକ୍ଷା ମୂଳକ ଭାବେ ୯ସିଟ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଦିନ ୧୦ ଟାରେ ଉଡାଣ ଭରି ଜୟପୁରରେ ଦିନ ୧୧.୩୫ ମିନିଟରେ ପହଞ୍ଚିଥିଲା ।ସେହିପରି ଦିନ ୧୨.୩୦ରେ ପୁଣିଥରେ ଜୟପୁର ବିମାନ ବନ୍ଦରରୁ ଉଡାଣ କରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।“ ଆଜିର ପରୀକ୍ଷା ମୂଳକ ଭାବେ ଆରମ୍ଭ ହୋଇଥିବା ବିମାନ ଉଡାଣ ଯାତ୍ରୀଙ୍କ ପାଇଁ ନଥିଲା ।ଏପରିକି ଏୟାରପୋର୍ଟ ଭିତରକୁ ଯିବା ପାଇଁ ଗଣମାଧ୍ୟମକୁ ଅନୁମତି ନଥିଲା ।ତଥାପି କିଛି ଯାତ୍ରୀ ଟିକଟ ଆଶାରେ ଏୟାରପୋର୍ଟକୁ ଆସିଥିଲେ ।ହେଲେ ଯାତ୍ରୀ ସେବା ଆରମ୍ଭ ହୋଇନଥିବା ଜାଣି ମନ ଦୁଃଖରେ ଘରକୁ ଫେରିଥିଲେ ।ଉଡାନ ଯୋଜନାରେ ଜୟପୁର ଏୟାରଷ୍ଟ୍ରିପକୁ କେନ୍ଦ୍ର ସରକାର ସାମିଲ କରି ଏହାକୁ ନିୟମିତ ଏୟାରପୋର୍ଟରେ ରୁପାନ୍ତରିତ କରିଛନ୍ତି ।ପ୍ରଥମେ ୯ସିଟ ବିଶିଷ୍ଟ ଉଡାଜାହାଜ ଯାତ୍ରୀ ସେବା ଆରମ୍ଭ ହେବାକୁ ଥିବା ବେଳେ ପରବର୍ତ୍ତୀ ସମୟରେ ଏଠାରୁ ୭୨ ସିଟ ବିଶିଷ୍ଟ ବିମାନ ସେବା ଆରମ୍ଭ ହେବାର ଯୋଜନା ରହିଛି ।ଆଉ ଏହା ଦ୍ୱାରା ପୁରା ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡୋଶୀ ଛତିଶଗଡ଼ ଓ ଆନ୍ଧ୍ରର ଲୋକ ବି ଉପକୃତ ହୋଇ ପାରିବେ।“୪ବର୍ଷ ତଳୁ ଜୟପୁର ଏୟାର ଷ୍ଟ୍ରିପକୁ ଉଡାଣ ଯୋଜନାରେ ସାମିଲ କରି ଏୟାରପୋର୍ଟରେ ରୁପାନ୍ତରିତ କାମ ଚାଲିଛି। କେବେ ଏଠାରୁ ବିମାନ ଉଡ଼ିବ ତାହକୁ ଅପେକ୍ଷା କରିଛନ୍ତି ଅବିଭକ୍ତ କୋରାପୁଟ ଜିଲ୍ଲା ବାସୀ

# ଅବସରପ୍ରାପ୍ତ ଶିକ୍ଷକ ଟ୍ରଷ୍ଟର କାର୍ଯ୍ୟକାରୀ ବୈଠକ



ବୁଗୁଡ଼ା : ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଟ୍ରଷ୍ଟର ଏକ କାର୍ଯ୍ୟକାରୀ ବୈଠକ ବିଶ୍ୱମୋହନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି ଏଥିରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସହ ପୂ ବୈଠକର ବିବରଣୀ ପାଠ, ଆୟ ବ୍ୟୟ ସମୀକ୍ଷା କରାଯାଇ ପୂର୍ବ ନିଷ୍ପତି ପ୍ରକାରେ ନିକଟସ୍ଥ ବରଡ଼ିପଲ୍ଲୀ ପ୍ରାଥମିକ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ହାତକୁ ନିଆଯାଇ ଉଭୟ ଶୈକ୍ଷିକ ଓ ସହ ଶୈକ୍ଷିକ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା ଏଥି ନିମନ୍ତେ କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ରାମକୃଷ୍ଣ ସାହୁ, ଗୌରୀପତି ଦାଶ ଓ ଶ୍ୟାମ ସୁନ୍ଦର ନାୟକଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଥିଲା

# ପ୍ରଥମଥର ରାଜସ୍ଥାନରେ ସମ୍ବଲପୁରୀ ଦିନ ପାଳନ




ବରଗଡ, ୮।୮(ନି.ପ୍ର): ପ୍ରଥମଥର ରାଜସ୍ଥାନ ଜୟପୁର ଠାରେ ସମ୍ବଲପୁରୀ ଝିଅ ରଞ୍ଜିତା ପ୍ରିୟଦର୍ଶିନୀ ଙ୍କ ପ୍ରଚେଷ୍ଟା ରେ ପାଳିତ ହୋଇଛି ସମ୍ବଲପୁରୀ ଦିନ୍ ।ସେ କର୍ମଜିବୀ ମହିଳା ମାନଙ୍କ ଉଦ୍ଦେଶ୍ୟରେ ଚଳାଇଥିବା ଅଭିଯାନ ପରିପ୍ରେକ୍ଷୀରେ ରାଜସ୍ଥାନ ରାଜ୍ୟକୁ ଯାଇଛନ୍ତି। ରଞ୍ଜିତା ପ୍ରିୟଦର୍ଶିନୀ ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ସେ ଯେଉଁଠି ବା ଥାଆନ୍ତୁ ନା କାହିଁକି ସେ ଭୁଲି ପାରିବେ ନାହିଁ। ତାଙ୍କ ସ୍ୱପ୍ନ ଏହିକି ଆମ ଭାଷା ସଂସ୍କୃତି ସାରା ଭାରତ ବର୍ଷ ର ଜନସାଧାରଣ ଜାଣିବା ଉଚିତ୍ ବୋଲି ଆମ ପ୍ରତିନିଧି ଙ୍କୁ ଜଣାଇଛନ୍ତି । ପବିତ୍ର ଦିବସ ସମ୍ବଲପୁରୀ ଦିନ ପରିପ୍ରେକ୍ଷୀରେ ସେ ଜୟପୁର ଠାରେ ସମ୍ବଲପୁରୀ ଦିନ୍ ପାଳନ ପାଇଁ ଏକ ସୁନ୍ଦର ଆୟୋଜନ କରିଥିଲେ ।ଏଠାରେ ଥିବା ରାଜସ୍ଥାନୀ ଭାଇଭଉଣୀ ମାନେ ତାଙ୍କୁ ବିପୁଳ ସ୍ୱାଗତ କରି ସମ୍ବଲପୁରୀ ଦିନ ସମ୍ପର୍କରେ ଜାଣିବାପାଇଁ ଉତ୍କଣ୍ଠା ପ୍ରକାଶ କରିଥିଲେ ।ନିଜ ହାତରେ ସମ୍ବଲପୁରୀ ପିଠା ମଣ୍ଡା ତିଆରି କରି ଲୋକଙ୍କୁ ବାଣ୍ଟି ଲୋକଙ୍କ ଠାରୁ ଖୁବ୍ ପ୍ରଶଂସା ସାଉଁଟି ପାରିଛନ୍ତି।

# ସୋଲାର ପାନିୟ ଜଳ ଯୋଗାଣ ୨ମାସ ଅଚଳ



ନିରାକାର ପୁର ୮।୮(ନି.ପ୍ର): ନିରାକାର ପୁର ସରକାରଙ୍କ ପକ୍ଷରୁ ପ୍ରତେକ ଗ୍ରାମ ପଞ୍ଚାୟତ କୁ ସୋଲାର ପାଇପ୍ ଯୋଗେ ପାନିୟ ଜଳ ଯୋଗାଣ ଓ ପରିମଳ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଆଜି ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଡିଆ ଗ୍ରାମ ପଞ୍ଚାୟତ ର ହରିଜନ ସାହିରେ ଲାଗି ଥିବା ସୋଲାର ପାଇପ୍ ଲାଇନ୍ ନଳକୁପ ଆଜକୁ ୨ମାସ ହେବ ଅଚଳ ହୋଇଯାଇଛି ଗ୍ରାମ ବାସି ମାନେ ବିଭାଗିୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ସୁଧା ନଳକୁପ ଏପର୍ଯ୍ୟନ୍ତ ତାହା ମରାମତି ନ କରି ପଡିରହିଥିବା ଅଭିଯୋଗ ହୋଇଥିଲା । ଏାଦରେ ସମାଜ ସେବୀ ବିଧୁ ଭୁଷଣ ମହାରଣା ଙ୍କୁ ଅଭିଯୋଗ କରିବାରୁ ସେ ବିଭାଗିୟ କର୍ତ୍ତୃପକ୍ଷଙ୍କୁ ଜଣାଇ ମହା ମରାମତି କରି ଚାଲୁ ହୋଇଥିଲା।

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର ୮।୮(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ କଟକଣା ପାଳନ ପୂର୍ବକ ଚଳିତ ବର୍ଷ ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ସୀମିତ ସଂଖ୍ୟକ ଅତିଥି ଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ ସ୍ୱାଧୀନତା ଦିବସର ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ ସକାଳ ଘଂ୦୬-୦୦ ଷ୍ଠା ସମୟରେ ସହର ର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟ ରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ରେ ବରିଷ୍ଠ ଅଧିକାରୀ ଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ ସକାଳ ଘଂ୦୭-୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ଘଂ୦୯-୧୫ ମିନିଟ ସମୟରେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରାଯିବ ଚଳିତ ବର୍ଷ ମଧ କୋଭିଡ ନିୟମ ର ଅନୁପାଳନ ପୂର୍ବକ କେବଳ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ଅଂଶ ଗ୍ରହଣ କରିବେ ଚଳିତ ସ୍ୱାଧୀନତା ଦିବସ ସମାରୋହ ପ୍ୟାରେଡ଼ ରେ କୌଣସି ବିଦ୍ୟାଳୟ ଅଥବା ମହାବିଦ୍ୟାଳୟର ପ୍ଲାଟୁନ ଅଂଶ ଗ୍ରହଣ କରିବାକୁ ବାରଣ କରାଯାଇଛି ପ୍ୟାରେଡ଼ ପଡିଆରେ ମଧ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ ସେହିପରି ଉତ୍ସବ ସ୍ଥଳକୁ ଜନସାଧାରଣ ଙ୍କ ସମାଗମକୁ ବାରଣ କରାଯାଇଛି ସ୍ୱାଧୀନତା ଦିବସ ଉତ୍ସବରେ ପ୍ୟାରେଡ଼ କିମ୍ବା ମାର୍ଚ୍ଚପାଷ୍ଟ ହେବ ନାହିଁ ଜିଲ୍ଲା ସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ,ବ୍ଲକ ସ୍ତରରେ ତଥା ପଞ୍ଚାୟତ ସ୍ତରରେ ମଧ କୋଭିଡ କଟକଣା ଅନୁପାଳନ ପୂର୍ବକ ସମାରୋହ ଅନୁଷ୍ଠିତ ହେବ ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ , ଜାତୀୟତା ବୋଧକ ସଙ୍ଗୀତ ଆବୃତ୍ତି, ପ୍ରବନ୍ଧ, ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ସମ୍ପୃକ୍ତ ଛାତ୍ର ଛାତ୍ରୀ ଙ୍କୁ ପ୍ରଦାନ କରାଯିବ ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ ) ଶ୍ରୀମତୀ ନିଶିପୁନମ ମିଞ୍ଜ, “ ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ “ବିବରଣୀ ଉପସ୍ଥାପନ କରିଥିଲେ।

## ଅବକାରୀ ବିଭାଗର ଚଢାଉ, ୩୬୫ ଗ୍ରାମର ବ୍ରାଉନସୁଗାର ସହିତ ୨ ଗିରଫ

ଜଳେଶ୍ୱର : ଭୋଗରାଇ ଅବକାରୀ ଥାନା ଓ କଟକ କେନ୍ଦ୍ରାଂଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଭୋଗରାଇ ଓ ଜଳେଶ୍ୱର ଥାନା ଅଂଚଳରେ ଚଢାଉକରି ୩୬୫ ଗ୍ରାମର ହେରୋଇନ (ବ୍ରାଉନସୁଗାର) ଜବତ କରିବା ସହିତ ୧୮ଲିଟର ପଶ୍ଚିମବଙ୍ଗ ମାର୍କା କଣ୍ଟ୍ରି ସ୍ପିରିଟ୍ ଓ ଏକ ବଜାଜ ପଲସର ୧୫୦ସିସି ମଟର ବାଇକ ଜବତ କରାଯାଇଛି। ଏହି ଚଢାଉ ଓଡିଶା ଅବକାରୀ କମିସନ ଆଶିସ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଡେପୁଟି କମିସନର ରଜତ ପ୍ରହରାଜଙ୍କ ନିର୍ଦ୍ଦେଶରେ ଭୋଗରାଇ ଥାନା ଓ.ଆଇ.ସି ଦେବେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏକ ଦଶଜଣିଆ ଟିମ ମିଳିତ ଭାବେ ଚଢାଉକରି ଦୁବସାହି ଗ୍ରାମର ଅଭିଷେକ ପାତ୍ରଙ୍କ ଠାରୁ ୩୬୫ ଗ୍ରାମର ବ୍ରାଉନସୁଗାର ସମେତ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଥିବା ବେଳେ ସେହି ଗ୍ରାମର ବୈଦ୍ୟନାଥ ଦାସଙ୍କ ଠାରୁ ୬୦ଟି ପଶ୍ଚିମବଙ୍ଗ ମାର୍କା କଣ୍ଟ୍ରି ସ୍ପିରିଟ୍ ଓ ଏକ ବଜାଜ ପଲସର ମୋଟର ବାଇକ୍ ଜବତ କରିବା ସହିତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂପାଦକୀୟ

# ପୁଣି ଭୟ

ଖୁବ୍‌ଶୀଘ୍ର ସତ ହେବାକୁ ଯାଉଛି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଭବିଷ୍ୟବାଣୀ। ମହାମାରୀ କରୋନାର ଚତୁର୍ଥ ଲହର ଭାରତରେ ମୁଣ୍ଡ ଟେକିବାର ଆଶଙ୍କା କ୍ରମଶଃ ଦୃଢୀଭୂତ ହେବାରେ ଲାଗିଛି। ପାଖାପାଖି ଦୁଇ ମାସର ବିରତି ପରେ ରାଜଧାନୀ ଦିଲ୍ଲୀ ସମେତ ଦେଶର କେତେକ ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଉଥିବାର ଲକ୍ଷ କରାଯାଉଛି। ଅନ୍ୟ ଅର୍ଥରେ କରୋନାର ଚତୁର୍ଥ ଲହର ଆମ ଦେଶର ଦ୍ୱାରଦେଶରେ ପହଞ୍ଚିଥିବାର କୁହାଯାଉଛି। ଅଳ୍ପ କିଛିଦିନ ପୂର୍ବେ କରୋନା ସଂକ୍ରମଣ ହ୍ରାସ ପାଇ ସ୍ୱାଭାବିକ ଅବସ୍ଥା ଫେରିଆସିବା ପରେ ଦିଲ୍ଲୀ ସରକାର କୋଭିଡ କଟକଣାକୁ ପ୍ରାୟତଃ ଉଠାଇ ଦେଇଥିଲେ। ମାତ୍ର ଏବେ ତାହା ପୁଣି ମୁଣ୍ଡଟେକିବା ଆରମ୍ଭ କରିଥିବାରୁ କର୍ତ୍ତୃପକ୍ଷ ପୁଣି ଥରେ ସକ୍ରିୟ ହୋଇ ଉଠିଛନ୍ତି ଏବଂ ନୂଆ ଏକ ଗାଇଡଲାଇନ ଜାରି କରିଛନ୍ତି। କରୋନାର ଦୃତ ସଂକ୍ରମଣ ଦିଲ୍ଲୀ ସରକାରଙ୍କ ଚିନ୍ତା ବଢାଇଦେଇଛି। ଶିକ୍ଷା ବିଭାଗ ପକ୍ଷରୁ ଜାରି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ପୁଣି ବିଦ୍ୟାଳୟରେ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏଥି ସହିତ ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜଧାନୀରେ ୨୬୧ ନୂଆ ସଂକ୍ରମଣ ମାମଲା ସାମ୍ନାକୁ ଆସିଛି। ସେମାନଙ୍କ ମଧ୍ୟରୁ ୧୪ ଜଣ ଶିଶୁ କୋଭିଡ ସଂକ୍ରମିତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଭର୍ତ୍ତି ହୋଇଥିବା ଅଧିକାଂଶ ଶିଶୁଙ୍କର ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ରହିଥିବାର ଜଣାପଡ଼ିଛି। ଦିଲ୍ଲୀରେ ମୋଟ ୫୩ ଜଣ ରୋଗୀ ଏବେ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସାଧିନ ଅଛନ୍ତି। ପଜିଟିଭ ହାର ୫ ପ୍ରତିଶତ ଉପରେ ରହିଥିବା ଚିନ୍ତାର କାରଣ ହୋଇଛି। ଏନ.ସି.ଆର ଅଞ୍ଚଳରେ କିଛି ବିଦ୍ୟାଳୟରେ ଶୁକ୍ରବାର ଦିନ ୨୦ରୁ ଅଧିକ ଛାତ୍ରଛାତ୍ରୀ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ସରକାର ସଜାଗ ହୋଇ ଉଠିଛନ୍ତି। ଗୋଟିଏ ପରେ ଗୋଟିଏ ନୂଆ ନୂଆ ଭାରିଆଣ୍ଟ ଚିହ୍ନଟ ହେଉଥିବାରୁ ଓ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଦିଲ୍ଲୀ ସରକାର କଠୋର ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। ସେପଟେ ଉତ୍ତର ପ୍ରଦେଶର ଗାଜିଆବାଦ ଓ ଗୌତମବୁଦ୍ଧ ନଗରରେ ସଂକ୍ରମଣ ବୃଦ୍ଧି ପାଇବାର ରାଜ୍ୟର ଯୋଗୀ ସରକାର ସ୍ଥିତି ସମୀକ୍ଷର କରିବାକୁ ଏକ ବୈଠକ ଡକାଇଥିଲେ। ସମସ୍ତ ଏନ.ସି.ଆର ଅଞ୍ଚଳକୁ ରାଜ୍ୟ ସରକାର ସତର୍କ କରାଇଦେଇଛନ୍ତି। ସେହିପରି କରୋନା ରୋଗୀଙ୍କ ନମୁନା ପରୀକ୍ଷା ପାଇଁ ପଠାଇବାର ବ୍ୟବସ୍ଥା ହୋଇଛି। ଦେଶରେ ଚତୁର୍ଥ ଲହରର ଭୟ ଘାରିବାକୁ ଆରମ୍ଭ କରିଥିବା ବେଳେ ଓଡ଼ିଶାରେ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କ ଟିକାକରଣ କାର୍ଯ୍ୟକ୍ରମ ଧିମେଇ ଯାଇଥିବାର ଲକ୍ଷ କରାଯାଉଛି। ଏହି ଅଭିଯାନ ଗତ ଜାନୁଆରୀ ମାସରୁ ଆରମ୍ଭ ହୋଇଥିଲା ଏବଂ ଯଥାଶୀଘ୍ର ଶେଷ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ମାତ୍ର, ଅପ୍ରେଲ ମାସ ଅଧା ସୁଦ୍ଧା ରାଜ୍ୟରେ ୫୮ ପ୍ରତିଶତ ପିଲା ଟିକା ନେଇ ସାରିଛନ୍ତି । ଅବଶିଷ୍ଟ ପିଲା କେବେ ଟିକା ନେଇ କରୋନା କବଳରୁ ନିଜକୁ ସୁରକ୍ଷିତ ରଖିବେ, ତାହା ଅନିଶ୍ଚିତତା ଘେରରେ ରହିଛି। ଅତୀତର ଅଭିଜ୍ଞତା ଦୃଷ୍ଟିରୁ ଦିଲ୍ଲୀରେ କରୋନା ବ୍ୟାପିଲେ ଓଡ଼ିଶା ପ୍ରତି ବିପଦ ଦେଖାଦେଇଥାଏ। ସେହି ଦୃଷ୍ଟିରୁ ଚତୁର୍ଥ ଲହର ସେଠାରେ ପାଦ ଥାପି ସାରିଥିବାରୁ ଆମ ରାଜ୍ୟରେ ସତର୍କତା ଅବଲମ୍ବନ ଜରୁରୀ।

# ବିପ୍ଳବର ବୀଜମନ୍ତ୍ର : ବିନାଗୁଳିର ଗଣତନ୍ତ୍ର

ଧର୍ମରୁ ସଂସ୍କୃତି ଓ ରାଜନୀତି ପର୍ଯ୍ୟନ୍ତ ସାରାପୃଥିବୀରେ ବିଭିନ୍ନ ବିପ୍ଳବର କଥା ଇତିହାସ କହିଆସିଛି । ଆଜି ବି ବିପ୍ଳବର କଥା କୁହାଯାଉଛି ପୋଷ୍ଟର୍‌ରେ, ପ୍ଲାକାର୍ଡ୍‌ରେ, ସ୍ଲୋଗାନ୍‌ରେ, ଭାଷଣବାଜିରେ – ସଭାରେ, ସଂଗଠନରେ, ଶୋଭାଯାତ୍ରାରେ ଆଉ ଭିନ୍ନଭିନ୍ନ ଜନମଂଚରେ । ସବୁ ବିପ୍ଳବ ଶେଷରେ ତାର ପରିଣତିର ପାଉଁଶଗଦାରେ ପାଲଟୁଛି ପାଳଭୂତ ! ବିପ୍ଳବ – ଏକ ବିତର୍କ । ବିପ୍ଳବର ଏଇ ବିତର୍କିତ ଅବସ୍ଥା ଉପୁଜୁଛି ଠିକ୍ ସେତିକିବେଳେ, ଯେତେବେଳେ ପ୍ରୟାସ ଅପେକ୍ଷା ପ୍ରଚାର ହେଉଛି ବିଚାରହୀନ ଦୃଷ୍ଟିଭଂଗୀରେ ଏବଂ ଏ ଦୃଷ୍ଟିଭଂଗୀର ଦାବୀଦାର୍ ଭୂମିକାରେ ଅଭିନୟ କରିଚାଲୁଛନ୍ତି ନାନା ସଂଗଠନ – ଧର୍ମ ହେଉ କି ରାଜନୀତି, ସଂସ୍କୃତି ହେଉ କି ଅର୍ଥନୀତି । ମୁଖ୍ୟତଃ, ବିପ୍ଳବ ଏକପ୍ରକାର ସାମାଜିକ ପ୍ରସଂଗକୁ ନେଇ ଆରମ୍ଭ ହେଉଥିଲେ ହେଁ ଶେଷକୁ ବ୍ୟକ୍ତିଗତ ନେତୃତ୍ୱ ଓ ଦଳୀୟ ଅନୁଷ୍ଠାନ ମଧ୍ୟରେ ପରିସୀମିତ ହୋଇପଡୁଛି । ଜନାଭିମୁଖୀ ଓ ଗଣାଭିମୁଖୀ ଆଭିମୁଖ୍ୟ କେବଳ ମୁଖା ଭାବରେ ବ୍ୟବହୃତ ହେଉଛି – ମୁଖା ଭିତରର ଅସଲ ମୁହଁ ଗୁଡିକ କିନ୍ତୁ କ୍ଷମତାର କ୍ଷୁଧା ଓ ପ୍ରାଚୁର୍ଯ୍ୟର ପିପାସାରେ ରେଖାଙ୍କିତ ମାତ୍ର ! ବିଂଶଶତାବ୍ଦୀରେ ଆମେ ବିପ୍ଳବର ବିଚଳନ ଲକ୍ଷ୍ୟ କରିବା ପରେ ଏକବିଂଶ ଶତାବ୍ଦୀର ଉପଲବ୍ଧି କରୁଛୁ ବିପ୍ଳବର ବୈରାଗ୍ୟ । ଧର୍ମ ପାଲଟିଛି ଔପଚାରିକ ଅନୁଷ୍ଠାନ ଏବଂ ରାଜନୀତି ହୋଇସାରିଛି ସ୍ୱେଚ୍ଛାଚାରୀ ସାଂଗଠନିକତା । ଆଜି ଏତେ ଧର୍ମ, କିନ୍ତୁ ଜଣେ ବୁଦ୍ଧ କି ଜଣେ ଯୀଶୁ କାହାନ୍ତି ? ଆଜି ଏତେ ରାଜନୀତି, କିନ୍ତୁ ଜଣେ ଗାନ୍ଧି, ଲେନିନ୍ କି ଲିଂକନ୍ ବି କାହାନ୍ତି ? ବ୍ୟକ୍ତିତ୍ୱ ବଦଳରେ ବ୍ୟକ୍ତି – ଏବର ଅଭିବ୍ୟକ୍ତି । ବ୍ୟକ୍ତିସ୍ୱାର୍ଥ ଜନ୍ମଦେଉଛି ନ୍ୟସ୍ତସ୍ୱାର୍ଥ ପ୍ରକ୍ରିୟା, ଯାହା ସମାଜର ଗତିଶୀଳତା ଓ ଦେଶର ପ୍ରଗତିଶୀଳତା ଚାରିପଟେ ସୃଷ୍ଟି କରୁଛି ସଂଶୟ, ସଂକଟ – ଏପରିକି ସନ୍ତ୍ରାସ ! ଏପରି ଦୁଃଖଦ ପରିଣାମର କାରଣ କ'ଣ ? ଅସଲ କାରଣ ହେଉଛି – 'ଅସଲ କ୍ଷେତରେ ବୁଣାଚାଲିଛି ନକଲି ବିହନ । ଆମେ ସେଇମାନଙ୍କ ହସକୁ ପଟ୍ଟଚିତ୍ର କି ଫଟୋ କରି ଘରେ ଟାଙ୍ଗୁଛୁ, ଯେଉଁମାନେ ବାହାରର କାନ୍ଦଣା କି ଯନ୍ତ୍ରଣାକୁ କେବେ ବି ନିଜ ଭିତରେ ଭେଦାଇନାହାନ୍ତି । ଠିକ୍‌କୁ ଠା' ଦେଉନୁ, କିନ୍ତୁ ଭୁଲ୍‌କୁ ଦେଇଆସିଛୁ ଭୋଟ୍ । ବିପର୍ଯ୍ୟୟରେ ଜୟଜୟ ଡାକରା ଦେଇ ଅଂଟାଭିଡି ବାହାରିପଡିବା ଅପେକ୍ଷା କମ୍ବଳ ଭିତରେ ଶୋଇ ସମ୍ବଳବୃଦ୍ଧିର ସ୍ୱପ୍ନ ଦେଖୁଛୁ ଏବଂ ଏଇ ସ୍ୱପ୍ନବାଟେ ବିପ୍ଳବର ବିଚିତ୍ର ଚିତ୍ରାଙ୍କନ ଖୋଜୁଛୁ । ବିପ୍ଳବ କ'ଣ ଆମର ଏଇ ଛୋଟ ଛୋଟ ସ୍ୱପ୍ନର ପ୍ରଶ୍ନୋତର ? ଆମେ ପାଂଚଜଣ ଭଲରେ ରହିଥିବାବେଳେ ବାକି ପଂଚାନବେଜଣ ସଢୁଥିବେ ଅନାହାର, ଅର୍ଦ୍ଧାହାରରେ ? ଧର୍ମରେ ବହୁ ପ୍ରବର୍ତନର ପ୍ରବାହ ଆସିଛି ଆଉ ରାଜନୀତିରେ ନାନା ତନ୍ତ୍ରର ନିରୀକ୍ଷା । ସବୁଠି ସବୁ ଅଧା । ସବୁ ଅଧୁରା ଅପୂରା ।ବିପ୍ଳବର ବୀଜମନ୍ତ୍ର ଦୁଃସ୍ଥଦୁର୍ଗତ ଦରିଦ୍ରବର୍ଗର ପଂଚାକ୍ଷରୀ ଜପ ଭିତରେ ଭୁଆଁ ବୁଲୁଛି । 'ଜନଆନ୍ଦୋଳନ' କି 'ଗଣଆନ୍ଦୋଳନ' ନାଆଁରେ ଯେଉଁମାନେ ବିପ୍ଳବକୁ ଡାକରାଟାଏ କରିଦେଇଛନ୍ତି ବୋଲି ଭାବୁଥାନ୍ତି କି ଭାଷଣ ଦେଉଥାନ୍ତି, ସେମାନେ ସମସ୍ତେ ପ୍ରଥମେ ଗୋଟିଏ ସରଳ ପ୍ରଶ୍ନର ଉତର ଦେବେ କି ? ସେମାନେ ଛାତିରେ ହାତ ରଖି କହନ୍ତୁ ତ ସେମାନଙ୍କ ପ୍ରଚାରିତ ଏକ 'ଜନ' ଓ 'ଗଣ' ସୂଚନାଟିରେ ଗାଆଁବାଲା କେତେ, ପାହାଡିଆ କେତେ, ତଳମାଳିଆ କେତେ, ଗରିବଗୁରୁବା କେତେ ଆଉ ଆମର ଏ ଗଣତନ୍ତ୍ର ଦ୍ୱାରା ବରାବର ଉପେକ୍ଷିତ ହୋଇଚାଲିଥିବା ଉପଦ୍ରୁତ କେତେ ? ଏମାନଙ୍କୁ ଧର୍ମବାଣୀ ଶୁଣାଇ ଯେତିକି ଶାନ୍ତଶିଷ୍ଟ କରିରଖିବାର ପ୍ରକ୍ରିୟାଟିକୁ ବଜାୟ ରଖାଯାଉଛି, ସରକାରୀ ସହାୟତାର ସୁସମାଚାର ଶୁଣାଇ ସେତିକି ବି ଶିଥିଳ କରିଦେବାର ପ୍ରୟାସକୁ ବଳବତର କରାଯାଇଆସୁଛି ସବୁବେଳେ । ମନେରଖିବାକୁ ହେବ ଯେ ସାରା ପୃଥିବୀରେ ଗରିବଶ୍ରେଣୀ ଦ୍ୱାରା ହିଁ ସୃଷ୍ଟି ହୋଇଆସିଛି ଆମର ସଂସ୍କୃତି । ଧନୀଶ୍ରେଣୀ ସଂସ୍କୃତି ନୁହେଁ, କେବଳ

**ମାୟାଧର ନାୟକ**

ସଂପତି ସୃଷ୍ଟିରେ ନିର୍ବାହ କରିଆସିଛି ନିଜର ମୁନାଫାଭିତ୍ତିକ ମାଲିକାନାଧର୍ମୀ ଭୂମିକା । ପୃଥିବୀର ଜଳସ୍ଥଳପାତାଳ – ସବୁ ଉପରେ ସେମାନେ ସବାର୍ – ବ୍ୟୋମମାର୍ଗ ହିଁ ସେମାନଙ୍କ ବିଚରଣକ୍ଷେତ୍ର । ଭବିଷ୍ୟତରେ ଏ ପ୍ରକ୍ରିୟା ପୃଥିବୀରେ ସୃଷ୍ଟି କରିବ ଦରିଦ୍ରବର୍ଗ ପାଇଁ ଏକ ଅନଚିନ୍ତନୀୟ ଆତଙ୍କ – ବିସ୍ଥାପନ ! ଅଷ୍ଟାଦଶ ଶତାବ୍ଦୀର ଶିଳ୍ପବିପ୍ଳବ - ଦରିଦ୍ରବର୍ଗ ଦ୍ୱାରା ପ୍ରସାରିତ ସଂସ୍କୃତି ଓ ଜୀବନଧାରାକୁ ଧ୍ୱଂସ କରିଦେଇ ଧନିକବର୍ଗ ଦ୍ୱାରା ପ୍ରଚଳିତ ସଭ୍ୟତା ଓ ସୌଦାଗରୀ ସ୍ରୋତ ପ୍ରତି ଆନୁମୂଲ୍ୟକୁ ଆନୁଷ୍ଠାନିକତା ପ୍ରଦାନ କଲା । ଶିଳ୍ପ ଶବ୍ଦଟି ସହିତ ଯୋଡିଦିଆଗଲା ବିପ୍ଳବ ଶବ୍ଦ । ମାତ୍ର ଦରିଦ୍ର କୁଟୀରଶିଳ୍ପର କବର ଉପରେ ଧନିକର କୁବେରତନ୍ତ୍ର ଠିଆ କରାଇଦେଲା ଯନ୍ତ୍ରଶିଳ୍ପର ଯୋଜନାବଦ୍ଧ ଯୁଗାନ୍ତର ! ଯନ୍ତ୍ରଶିଳ୍ପର ଉଦ୍ୟୋକ୍ତା ଓ ପ୍ରବକ୍ତାମାନେ ସହରରେ ବଡବଡ କଳକାରଖାନାର କମ୍ପାନୀ ଖୋଲି ଗାଆଁଗଣ୍ଡାରୁ ଶସ୍ତାରେ ବୁହାଇଆଣିଲେ ଚାଷୀମୂଲିଆଙ୍କୁ । ଚାଷୀ ହେଲା ଚାରିଦଉଡିକଟା, ମୂଲିଆ ହେଲା ମଳିମୁଣ୍ଡିଆ । ମଣିଷକୁ ମାମୁଲି କରିଦେଲା- ନିହାତି ମାମୁଲି – ଏ ଶିଳ୍ପବିପ୍ଳବ । ଯେତେବେଳେ ହଜାରେ ମଣିଷକୁ ବିସ୍ଥାପିତ କରିଦିଆଗଲା ଗୋଟାଏ ମେସିନ୍‌ଦ୍ୱାରା, ସେତେବେଳେ ସାରାପୃଥିବୀ କବଳିତ ହେଲା କୁଚକ୍ରୀ କୁବେରତନ୍ତ୍ରର କାଳପାଶରେ । କୌଶଳ – କଳ । ଏ କଳ କୌଶଳର କରାମତି ଆଉ ମରାମତି ଆଗରେ ଦରିଦ୍ର ଜନଗଣର କଳା, କୀର୍ତି, କୃତି ଓ ସଂସ୍କୃତି କ୍ରମେ ଦୁଃସ୍ଥିତିର ଦଶା ଭୋଗି ମୂଳପୋଛ ହେବାକୁ ଲାଗିଲା । ପୃଥିବୀରେ ପ୍ରତିଦିନ ଗୋଟିଏ ଗୋଟିଏ ଭାଷା ମରିଯିବାକୁ ବସିଲା, ପ୍ରତିବର୍ଷ ଭୁଶୁଡିବାକୁ ଲାଗିଲା ଖଣ୍ଡିଏ ଖଣ୍ଡିଏ ଭୂଇଁ । ଅଧିବାସୀ ହେଲା ପ୍ରବାସୀ - ଦୂର ମାନଚିତ୍ରର । ଆଦିବାସୀ ହେଲା ଅନ୍ତେବାସୀ – ଅରଣ୍ୟର । ବିପ୍ଳବର ବଜାରୀକରଣ ଆରମ୍ଭ ହେଲା - ପ୍ରଥମେ ନଗରୀକରଣ ଓ ପରେ ଜଗତୀକରଣ ପ୍ରକ୍ରିୟାରେ । ଗୋଟିଏ ସହର ଗଢିବାପାଇଁ ହଜାରେ ଗାଆଁ, ଗୋଟିଏ ଶିଳ୍ପାଂଚଳ ସୃଷ୍ଟି କରିବାପାଇଁ ହଜାରେ ଜଙ୍ଗଲକୁ ଜଳାଇଦିଆଗଲା ନିର୍ବିଚାରରେ । ଜୀବନ ଅପେକ୍ଷା ଧନ, ସ୍ୱପ୍ନ ଅପେକ୍ଷା ଶୋଷଣ ହୋଇପଡିଲା ଆଧୁନିକ ଆଭିମୁଖ୍ୟ । କେନ୍ଦ୍ରବିନ୍ଦୁରୁ କରୁଣା ବିଚ୍ୟୁତ ହେଲା - ପରିଧିରେ ଶୂନ୍ୟତା କେବଳ । ଲକ୍ଷ୍ୟହୀନ ଗତି ଯେଉଁ ଆବେଗବିହୀନ ବେଗ ସୃଷ୍ଟି କଲା, ସେ ବେଗ ଆଗରେ ଆଗେ ଅସହାୟ ଶିକାର ହେଲେ ଧର୍ମର 'ଈଶ୍ୱର' ଏବଂ ପରେ ରାଜନୀତିର 'ମଣିଷ' । ଆରିଷ୍ଟୋଟଲ କହିଥିଲେ 'ମଣିଷ ହେଉଛି ଏକ ରାଜନୈତିକ ପ୍ରାଣୀ' । ମଣିଷର ସାମାଜିକ ପ୍ରାଣୀର ପରିଚୟ ଏଇ 'ରାଜନୈତିକ ପ୍ରାଣୀ'ର ପରିଚୟରୁ ଆରମ୍ଭ ହୋଇ ମାର୍କସ୍‌ଙ୍କର 'ଅର୍ଥନୈତିକ ପ୍ରାଣୀ'ର ପର୍ଯ୍ୟାୟରେ ପହଂଚିଲା ବେଳକୁ ବିପ୍ଳବଟା ଇତିହାସରୁ ଓହ୍ଲାଇଆସିଲା ରାଜନୀତିକୁ । କିନ୍ତୁ ଦେଖନ୍ତୁ କୁବେରତନ୍ତ୍ରର କୁହୁକ । ସାରା ପୃଥିବୀର ଧର୍ମକୁ ପରିଧ୍ୱସ୍ତ କରିସାରିବା ପରେ କୁବେରତନ୍ତ୍ର ଦଖଲ କରିନେଲା ରାଜନୀତିକୁ ବି । ଯାହାକୁ ରାଜନୀତି ବୋଲି ଠଉରାଉଛୁ, ତାହା କେବଳ ହାଟର ହଟ୍ଟଗୋଳ ସାରା ପୃଥିବୀ ଧର୍ମ ଓ ରାଜନୀତି ସମେତ ବିପ୍ଳବକୁ ମଧ୍ୟ କରିଦେଇଛି ବଜାରର ଖୁଚୁରା । ଏ ବଜାରରେ ମଣିଷକୁ ଭକ୍ତ, ଭୋଟର୍ ଓ ଭାଟରେ ପରିଣତ କରିଦେଇ କୁବେତନ୍ତ୍ର ଜାରୀ ରଖିଛି ତାର ବାଣିଜ୍ୟିକ ବ୍ୟବସ୍ଥା । ବର୍ତମାନ ସମୟରେ ମାର୍କସ୍‌ଙ୍କର 'ବନ୍ଧୁକନଳୀ ହିଁ ବିପ୍ଳବର ବାଟ' ଉକ୍ତିର ସଂଶୋଧନ ଲୋଡା ପଡିଲାଣି । କାରଣ ବନ୍ଧୁକ ଆଉ ପୁଲିସ୍ କି ମିଲିଟାରୀ ହାତରେ ନାହିଁ କେବଳ, ବରଂ ତାକୁ ହାତେଇସାରିଲେଣି ହତ୍ୟାକାରୀ, ଡାକୁ, ଲୁଟେରା, ଘାତକ, ଅପରାଧୀବର୍ଗ । ଡନ୍- ଆଜିର ହିରୋ । ମାଫିଆ - ଆଜିର ମହିମାବନ୍ତ ମହାକାଳ । ଅପରାଧୀବର୍ଗର ବନ୍ଧୁକ ନଳୀ ଆଗରେ ପ୍ରବଂଚିତ ପ୍ରଜାପତି ପରି ଅଳୀକ ଆୟୁଷ ନେଇ ଉଡିବୁଲୁଛି ମଣିଷର ସ୍ୱପ୍ନ... ଆଶା ଆଉ ଅଭିଳାଷ । ବର୍ତମାନର ବିପ୍ଳବ ଆରମ୍ଭ ହେବ ବନ୍ଧୁକ ବିରୋଧରେ ମଣିଷର ଯୁଦ୍ଧ ଇସ୍ତାହାରରୁ । ବନ୍ଧୁକ, ତାହା ବଣିକତନ୍ତ୍ର ଦ୍ୱାରା ବଶୀଭୂତ ଶାସନତନ୍ତ୍ରର ହେଉ କି କୁବେରତନ୍ତ୍ର ଦ୍ୱାରା ଗୃହପାଳିତ ଅସାମାଜିକ ଶକ୍ତିର ହେଉ – କୌଣସି ଆକାରେ କାହାର ଜୀବନ ନ ନେଉ । ଯଦି ବାଘଟାଏ ଗୁଳିରେ ମରୁଛି କି କୁମ୍ଭୀରଟାଏ – ତାହେଲେ ଜଙ୍ଗଲଆଇନ୍ ଉଜୁଡିଗଲା ବୋଲି ଗଣମାଧ୍ୟମ ଦ୍ୱାରା ହୁରି ପଡୁଛି । ମାତ୍ର ମଣିଷ ଯଦି ଗୁଳିଚୋଟରେ ଟଳିପଡୁଚି, ସମାଜ-ଆଇନ୍‌ର ଏ ତାସ୍‌ଘର ତ କାହିଁ ଭୁଶୁଡିପଡୁନି ଟିକିଏ ? ଖବର-କାଗଜରେ ଶୀର୍ଷକ ପଢୁଛୁ ଆମେସବୁ; ୩ ପୁଲିସ୍ ମୃତ, ୯ ନକ୍ସଲ୍ ନିହତ - ଅଥଚ ଏ ପୁଲିସ୍‌ର ଖାକି ତଳେ କି ନକ୍ସଲ୍‌ର ନକାବ୍ ତଳେ ମଣିଷ କୁଆଡେ ନିଖୋଜ ? ୩ ଆଉ ୯ ମିଶି ୧୨ ମଣିଷ ମରିଗଲେ ବୋଲି ମନ୍ତବ୍ୟ ଦେଲେ କ'ଣ ଖବରକାଗଜର ଅଙ୍କ ଭୁଲ୍ ହେଇଯାଏ ? ବିପ୍ଳବ ଏଇ ଅଙ୍କଗୁଡାକୁ ଗଣିଶିଖୁ ଆଉଥରେ । ଅଙ୍କଗୁଡାକ ଭିତରେ ମାଓ କି ମିଲିଟାରୀ ନିର୍ବିଶି ମଣିଷ ଦିଶୁ ଅନ୍ତତଃ । ନହେଲେ ଅପରାଧୀ ଘାତକବର୍ଗର ମଣିଷମରା ଆଉ ଆସନଅଧିକାରୀ ଶାସନତନ୍ତ୍ରର ମଣିଷମରା ଭିତରେ ଫରକ କ'ଣ ? ଅଦୂର ଭବିତବ୍ୟ କାଳରେ ବିପ୍ଳବର ବୀଜମନ୍ତ୍ର ହେଉଛି ବିନାଗୁଳିର ଗଣତନ୍ତ୍ର । ଆସନ୍ତାକାଲି ଯିଏ ଏଇ ବିନାଗୁଳିର ଗଣତନ୍ତ୍ର ପାଇଁ ଗ୍ୟାରେଂଟି ଦେଇପାରିବ, ସେଇ ହିଁ ହେବ ବିପ୍ଳବର ବିବର୍ତକ । କ୍ଷୁଧାମୁକ୍ତ, ବ୍ୟାଧିମୁକ୍ତ, ଯୁଦ୍ଧମୁକ୍ତ ପୃଥିବୀ ପରି ବିନାଗୁଳିର ଗଣତନ୍ତ୍ର ହିଁ ହେଉଛି ସେଇ ପୃଥକ୍ ପୃଥିବୀର ପ୍ରତିଶ୍ରୁତି – ଯେଉଁ ପ୍ରତିଶ୍ରୁତିରେ ଅଛି ପୁଞ୍ଜିବାଦ ଦ୍ୱାରା ପ୍ରଦତ୍ତ ଦୀର୍ଘମିଆଦୀ ପରାଧୀନତାରୁ ବିପ୍ଳବର ପ୍ରକୃତ ମୁକ୍ତି ।

# ନେଗେଟିଭ ଖବର ଜାଣିବାର ଇଚ୍ଛା: ଡୁମ୍‌ସ୍କ୍ରୋଲିଙ୍ଗ୍

ଦୀପାବଳିର ବଡ଼ି ସକାଳୁ ମୋର କମ୍ପ୍ୟୁଟର କ୍ଷୀପ୍ରଲିଖ ସହକାରୀ ଶ୍ରଦ୍ଧେୟ ଶ୍ରୀକାନ୍ତର ଫୋନ ବାଜି ଉଠିଲା। ଦୀପାବଳି ଶୁଭେଚ୍ଛା ଜଣାଇବା ସହ ଭାରି ବ୍ୟସ୍ତଭରା କଣ୍ଠରେ କହିଲା ସାରେ ମୋ ସମ୍ପର୍କୀୟ ଭାଇ ବିଭୁତି ସହଜେ ଇତସ୍ତତଃ ଥିବାବେଳେ ମୁଁ ତା ପାଇଁ କର୍ମ ସଂସ୍ଥାନ ବ୍ୟବସ୍ଥାଟିଏ କରିଛି। ବଡ଼ ଆଶ୍ଚର୍ଯ୍ୟର କଥା ଅବସର ସମୟ ବା କେବଳ ଶୋଇଲା ବେଳ ନୁହଁ ଅନ୍ୟ ସମୟରେ ସେ ତା ମୋବାଇଲ ମୋ କମ୍ପ୍ୟୁଟରରେ ବଡ଼ ବ୍ୟସ୍ତ ହୋଇ ଏଣୁ ତେଣୁ କ'ଣ ସବୁ ଦେଖୁଛି ? ନିଜକୁ ନିଜେ ବେଳେ ବେଳେ ଚିଡ଼ଚିଡ଼ାପରି ହୋଇଯିବା ସହ ବିଚିତ୍ର ବିଚିତ୍ର ଶବ୍ଦ ସବୁ କହୁଛି ଯଦିଓ ତାର କୌଣସି ମାନସିକ ସମସ୍ୟା ନାହିଁ। ହେ ସେମିତି କେତେ ବେଳେ କ'ଣ ନିଶାଫିଶା ତାର ଟିକିଏ ଚାଲେ, କିନ୍ତୁ ସେ କମ୍ପ୍ୟୁଟର ଓ ମୋବାଇଲରେ ଯେଉଁପରି ଅସ୍ତବ୍ୟସ୍ତ ହୋଇ ଚିଡ଼ଚିଡ଼ା ହେଉଛି ବିଶେଷକରି ଇମେଲ ସବୁ ଖୋଲି ସୋସିଆଲ ମିଡ଼ିଆରେ ସକ୍ରିୟର ବାହାନା ସମ୍ଭବତଃ ଦେଖାଉଛି କି ? ମୁଁ ଶ୍ରୀକାନ୍ତକୁ କହିଲି ତମେ ମୋ ଲେଖା ସହ ଏପରି ଜଡ଼ିତ ହୋଇଯାଇଛ ତୁମେ ବେଶ ଭଲ ଭାବେ ସେହି ପିଲାଟିର ତଥ୍ୟ ମୋତେ ଜଣାଇ ପାରିଲ, ବ୍ୟସ୍ତ ହୁଅନା ମୁଁ ତୁମକୁ ସବିଶେଷ କହୁଛି। ଆଜିର ସମୟରେ ଲୋକମାନଙ୍କ ଅଧିକାଂଶ ସମୟ କମ୍ପ୍ୟୁଟର ନଚେତ୍ ମୋବାଇଲରେ ଯାଉଛି। ପୂର୍ବରୁ ଲୋକମାନଙ୍କର ଏ ଦୁର୍ବଳତା ଥିଲା କିନ୍ତୁ ଏବେ କରୋନା ବିଭୀଷିକା ପାଇଁ ବର୍ଷ ବର୍ଷ ଘରେ ବସି ଅନ୍‌ଲାଇନ ସହ ବେଶୀ ଆସକ୍ତ ହୋଇଗଲେ। ଆଉ ସବୁଠାରୁ ବଡ଼ କଥା ସୋସିଆଲ ମିଡ଼ିଆର ଭଲ ଦିଗ ଯେତିକି ରହିଛି ଖରାପ ଦିଗ ମଧ୍ୟ ତତୋଧିକ। ଆପଣଙ୍କ ହାତ ପାହାନ୍ତାରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜ୍ଞାନ, ପାଠସାଠ, ମନୋରଞ୍ଜନ, ସବୁ ପ୍ରଶ୍ନର ଉତ୍ତର ସବୁକିଛି ପାଇବେ। କିନ୍ତୁ ଏହା ଆପଣଙ୍କୁ ଯେତିକି ଦେଉଛି ତାଠାରୁ ଅଧିକ ଯାହା ସବୁ କ୍ଷତି କରୁଛି ତାର ବଡ଼ ଉଦାହରଣ ହେଉଛି ଡୁମ୍‌ସ୍କ୍ରୋଲିଙ୍ଗ। ସୋସିଆଲ ମିଡ଼ିଆରେ ନକାରାତ୍ମକ ଖବରଗୁଡ଼ିକୁ ପଢ଼ିବାରେ ଅଧିକ ସମୟ ବିତାଇବା ସହ ଖୋଜିବାର ଅଭ୍ୟାସକୁ ମନୋବିଜ୍ଞାନ ଭାଷାରେ'ଡୁମ୍‌ସ୍କ୍ରୋଲିଙ୍ଗ୍' ବା 'ଡୁମ୍ ସରଫିଙ୍ଗ୍' ନାମ ଦିଆଯାଇଛି। ଡୁମ୍‌ସ୍କ୍ରୋଲିଙ୍ଗ୍ ଏକ ପ୍ରକାର ମାନସିକ ଅଭ୍ୟାସ ଏବଂ କରୋନା ପରେ ଏହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି। ଏହାର ହାନିକାରକ ପ୍ରଭାବ ଯୋଗୁଁ ଏବେ ଅବସାଦ, ଦୁଶ୍ଚିନ୍ତା ଓ ନକାରାତ୍ମକ ପ୍ରତିକ୍ରିୟା ଭଳି ମାନସିକ ରୋଗ ସୃଷ୍ଟି ହେଉଛି। ଡୁମ୍‌ସ୍କ୍ରୋଲିଙ୍ଗରେ ପୀଡ଼ିତ ବ୍ୟକ୍ତି ଦୁଃଖଦ ଓ ନକାରାତ୍ମକ ଖବରଗୁଡ଼ିକୁ ଜାଣିବା ପାଇଁ ପ୍ରବଳ ଇଛା କରିଥାଏ। ଏଥିପାଇଁ ସେ ସୋସିଆଲ ମିଡ଼ିଆରେ ଅଧିକ ସମୟ ବ୍ୟୟ କରେ ଏଂ କିଛି ଖବର ନ ମିଳିବା ପର୍ଯ୍ୟନ୍ତ ସେ ଇତସ୍ତତଃ ହୋଇପଡ଼େ। ଏହି ମାନସିକ ସମସ୍ୟା ଯୋଗୁଁ ବ୍ୟକ୍ତି ସବୁବେଳେ ନକାରାତ୍ମକ ଚିନ୍ତା କରେ। ମନ ଭିତରେ ଭୟ ସୃଷ୍ଟି ହୁଏ। ଅନିଦ୍ରା ଓ ହରମୋନ ଡିସ୍‌ଅର୍ଡ଼ର ଭଳି ସମସ୍ୟା ମଧ୍ୟ ଦେଖାଯାଏ। ସବୁବେଳେ ଉଦାସ ରହିବା, କୌଣସି କାମରେ ନକାରାତ୍ମକ ପ୍ରତିକ୍ରିୟା ଦେଖାଇବା ଏବଂ ଅସ୍ତବ୍ୟସ୍ତ ଲାଗିବା ଭଳି ବ୍ୟବହାର କରିବା ଏହି ରୋଗର ଲକ୍ଷଣ। ଆମ ମନୋଚିକିତ୍ସାର ସୂତ୍ର ଅନୁଯାୟୀ ସୋସିଆଲ ମିଡ଼ିଆରେ ଅଧିକ ସମୟ ସକାରାତ୍ମକ ଓ ପ୍ରେରଣାଦାୟକ ସାଇଟ ଅନୁସରଣ କରିବା, ନକାରାତ୍ମକ ଖବରରୁ ଦୂରେଇ ରହିବା ଏବଂ କୌଣସି ଦୁଃଖଦ ଓ ନକାରାତ୍ମକ ଖବରକୁ ଅଧିକ ସମୟ ମନ ଭିତରେ ନରଖିବା ବା ଆଲୋଚନା ନକରିବା ଦ୍ୱାରା ଡୁମସ୍କ୍ରୋଲିଙ୍ଗ ସମସ୍ୟା ଦୂର ହୋଇପାରିବ। ଡୁମ୍‌ସ୍କ୍ରୋଲିଙ୍ଗ ଭଳି ମାନସିକ ରୋଗର ସମାଧାନ ସମ୍ଭବ। ତେଣୁ ପ୍ରଥମ ପର୍ଯ୍ୟାୟରେ ହିଁ ଏହାର ଉପଚାର କରାଇନେବା ଉଚିତ। କାରଣ ଗୋଟିଏ ସୁସ୍ଥ ଶରୀର ପାଇଁ ସୁସ୍ଥ ମସ୍ତିଷ୍କର ଭୂମିକା ସର୍ବାଗ୍ରେ ରହିଥାଏ। ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ଏହାର ଶିକାର ହୋଇଥିବା ଲୋକଟିର ପାଖ ଲୋକମାନେ ସେହି ଲୋକଟିକୁ ବିରକ୍ତି ବା ଉତ୍ତେଜିତ ହୋଇ କିଛି କୁହନ୍ତୁ ନାହିଁ ବରଂ ତାଙ୍କ ପାଇଁ କିଛି ସମୟ କାଢ଼ନ୍ତୁ। ସମସ୍ତେ ଜାଣନ୍ତି ଯେ ଜୀବନରେ ନେଗେଟିଭ ଠାରୁ ପଜେଟିଭି ସବୁ କ୍ଷେତ୍ର ଓ ସବୁ ସମୟ ପାଇଁ ଅତ୍ୟନ୍ତ ଜରୁରୀ। ଜଣେ ନେଗେଟିଭ ଚିନ୍ତା ବା କାମର ଢ଼ଙ୍ଗରଙ୍ଗ ରଖୁଥିବା ଚରିତ୍ରମାନେ ଜୀବନରେ ସେତେ ସଫଳ ହୋଇପାରନ୍ତି ନାହିଁ ଏବଂ ବଡ଼କଥା ସେମାନଙ୍କ ନିଜ ଜୀବନଚର୍ଯ୍ୟା ଠାରୁ ପରିବାର, ବନ୍ଧୁବର୍ଗ ଓ କର୍ମ ସଂସ୍ଥାନ କ୍ଷେତ୍ର ମଧ୍ୟ ପରୋକ୍ଷ ଭାବେ ପ୍ରଭାବିତ ହୋଇଥାଏ। ଜୀବନ ଅଛି ମାନେ ସୁଖ ସହ ଦୁଃଖ ବି ରହିବ। ଏହା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱପରି। ଜୀବନରେ ସଫଳତା ସହ ବିଫଳତା, ପ୍ରାପ୍ତି ସହ ଅପ୍ରାପ୍ତି ସବୁକିଛି ତ ରହିବ କାରଣ ଏହାକୁ ତ ନେଇ ହିଁ ଜୀବନ। ପଜିଟିଭ ଚିନ୍ତାଧାରା ଆପଣଙ୍କ ଜୀବନକୁ ସେହିପରି ଆଗେଇ ନେବ। ଆଉ ନେଗେଟିଭ ଆପଣଙ୍କୁ ଯେତିକି ପଛେଇବ ସେତିକି ଦୁଃଖ, ଚିନ୍ତା, ଅବସାଦ ଓ କଷ୍ଟ ସବୁକିଛିକୁ ଡାକି ଆଣିବ। ସୋସିଆଲ ମିଡ଼ିଆକୁ ଆପଣ ବନ୍ଦ କରନ୍ତୁ, ତା'ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ। ନିଜ ଜୀବନ ସହ ପରିବାରର ଜୀବନ ଓ ସୁଖ, ଦୁଃଖ, ଭଲମନ୍ଦ ଚିନ୍ତା କରନ୍ତୁ। ଦେଖିବେ ଆପଣଙ୍କ ପାଇଁ ସବୁକିଛି ପଜିଟିଭ ହୋଇଯିବ।

**ଡାକ୍ତର ସମ୍ରାଟ କର**

# ଗ୍ରୀନ୍ ହାଉସ୍ ଗ୍ୟାସ୍ ଓ ପ୍ରାକୃତିକ ବିପର୍ଯ୍ୟୟ

ଦିନକୁ ଦିନ ପୃଥିବୀ ପୃଷ୍ଠରେ ବଢ଼ିଚାଲିଛି କାର୍ବନ ଡାଇଅକ୍ସାଇଡର ପରିମାଣ। ଆଉ ଏହି କାରଣରୁ ପୃଥିବୀ ଉତପ୍ତ ପିଣ୍ଡ ହେବାରେ ଲାଗିଛି । ଏହାସହ ଗ୍ରୀନ୍ ହାଉସ୍ ଗ୍ୟାସ ମଧ୍ୟ କ୍ରମାଗତ ବୃଦ୍ଧି ହେବାରୁ ପୃଥିବୀର ହାରାହାରି ତାପମାତ୍ରା ବଢୁଛି। ଏହାତ ଆପଣ ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଦେଖି ଜାଣି ପାରୁଥିବେ। ଏହି ବିଶ୍ୱ ତାପନ କାରଣରୁ ମେରୁ ଅଞ୍ଚଳରେ ଗଚ୍ଛିତ ଗ୍ଲେସିୟର ତରଳିବାରେ ଲାଗିଛି। ଯେଉଁଥିପାଇଁ କେବଳ ପୃଥିବୀର ଜଳ ଚକ୍ର ପ୍ରଭାବିତ ହେଉଛି ତାହା ନୁହେଁ, ଆଗାମୀ ଦିନ ପାଇଁ ଏକ ବଡ଼ ବିପଦ ଡାକି ଆଣୁଛି ବୋଲି ବୈଜ୍ଞାନିକମାନେ ସିଧା ସିଧା କହି ଦେଇଛନ୍ତି । ନିକଟରେ ପୁଣି ନାସାର ବୈଜ୍ଞାନିକ ମାନେ ସତର୍କ କରାଇ ଦେଇଛନ୍ତି ଯେ ଅଙ୍ଗାରକାମ୍ଳ ନିର୍ଗତ ଓ ପ୍ରଦୁଷଣ ଉପରେ ନିୟନ୍ତ୍ରଣ ନ ହେଲେ ପୃଥିବୀର ତାପମାତ୍ରା ବଢିବ ଆଉ ତାପମାତ୍ରା ବଢିବା ଦ୍ୱାରା ଗ୍ଲେସିୟର ତରଳିବା ନିଶ୍ଚିତ ଓ ଏହା ତରଳିବା ପରେ ସମୁଦ୍ର ଓ ସ୍ଥଳ ଭାଗ ରେ ତାଣ୍ଡବ ଲୀଳା କରିବ । ନାସାର ପ୍ରୋଜେକସନ ଟୁଲରେ ସମଗ୍ର ଦୁନିଆ ନକ୍ସା ପ୍ରସ୍ତୁତ କରି ଦର୍ଶାଇଛନ୍ତି ଯେ କେଉଁ ବର୍ଷ କେଉଁ ଦୁନିଆ ରେ ସମୁଦ୍ର ସ୍ଥଳ ବୃଦ୍ଧି ଘଟିବ । ବୈଜ୍ଞାନିକ ଏହା ମଧ୍ୟ ସତର୍କ କରାଇ ଦେଇଛନ୍ତି ଯେ ଏହିପରି ଯଦି ଗ୍ଲେସିୟର ତରଳିବ ତେବେ ଆମ ଭାରତର କିଛି ସହର ଅଢେଇ ଫୁଟ ସମୁଦ୍ର ଜଳରେ ଲିନ ହୋଇଯିବ ଓ ଏହାର କାରଣ ହଉଛି ଯେ ସେତେବେଳେକୁ ଗରମ ଏତେ ପରିମାଣ ରେ ବଢିବଯେ ଗ୍ଲାସିଅର ତରଳିବ ଓ ଏହା ତରଳିବା ଦ୍ୱାରା ସମୁଦ୍ର ଜଳସ୍ତର ବଢିବ ଓ ଏହା ଫଳ ରେ କିଛି ସହର ଜଳମଗ୍ନ ହୋଇଯିବ । ବୈଜ୍ଞାନିକମାନଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳ ସ୍ତର ବୃଦ୍ଧି। ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଏହି ଗ୍ଲେସିୟରକୁ ଡୁମସଡେ ଗ୍ଲେସିୟର କୁହାଯାଏ। ୧୯୨ହଜାର ବର୍ଗ କିଲୋମିଟର ଉପରେ ବ୍ୟାପିଥିବା ଏହି ଗ୍ଲେସିୟର ତରଳିବା ପାଇଁ ଜଳବାୟୁ ବୈଜ୍ଞାନିକମାନେ ବହୁତ ଚିନ୍ତିତ ଓ ଏହା ଉପରେ ବିଶେଷ ଗବେଷଣା କରୁଛନ୍ତି। କାରଣ ଏହାର ଜଳ ପୃଥିବୀର ଅନେକ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ କରିବାର କ୍ଷମତା ଅଛି। ଏହି ଗବେଷଣାରେ ବୈଜ୍ଞାନିକମାନେ ଏହି ଗ୍ଲେସିୟର ଉପରେ ବିଶ୍ୱ ତାପମାତ୍ରା ବ୍ୟତୀତ ପୃଥିବୀର ଆଭ୍ୟନ୍ତରୀଣ ଉତ୍ସର ଦ୍ରୁତ ପ୍ରଭାବ ଜାଣିବାକୁ ପାଇଛନ୍ତି। ଆର୍ଥ ଓ ପରିବେଶ ପତ୍ରିକାରେ ପ୍ରକାଶିତ ଆଲଫ୍ରେଡ ୱେଗର୍ନ ଇନଷ୍ଟିଚ୍ୟୁଟ ତଥା ଇଡଓର ଅଧ୍ୟୟନର ମୁଖ୍ୟ ଲେଖକ ତଥା ଜିଓଫିଜିକ କହିଛନ୍ତି ଯେ ସେମାନଙ୍କ ମାପରୁ ଜଣାପଡ଼ିଛି ଯେ ୧୭ ରୁ ୨୫ କିଲୋମିଟର ମୋଟା ମଧ୍ୟରେ ପୃଥିବୀର ଭୂତଳ ୧୫୦ ମିଲିୱାଟ ବର୍ଗ ଧାରଣ କରିଥାଏ। ଜିଓଥର୍ମାଲ ଉତ୍ତାପ ପ୍ରତି ମିଟର ପ୍ରବାହିତ ହୋଇପାରେ। ତେଣୁ ଏହା ଗ୍ଲେସିୟର ତରଳିବାର ହାର ବଢ଼ାଇଇପାରେ। ବିଗତ କିଛି ଦଶନ୍ଧି ମଧ୍ୟରେ ବରଫ ତରଳିବାର ସ୍ତର ଉପରେ ଅନେକ ଗବେଷଣା ଚେତାବନୀ ଦେଇଛି। ଯେତେବେଳେ ଏହି ଗ୍ଲେସିୟର ତରଳିଯାଏ, ଏହା ବିଶ୍ୱର ଅନେକ ଛୋଟ ଦ୍ୱୀପ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଡ଼ାଇବାର କ୍ଷମତା ରଖିଥାଏ। ଏହା ବ୍ୟତୀତ, ଏହି ଗ୍ଲେସିୟର ପଶ୍ଚିମ ଆଣ୍ଟାର୍କଟିକାର ମୁଖ୍ୟ ଅଞ୍ଚଳରେ ପଡ଼େ, ଯେଉଁ କାରଣରୁ ଏଠାରେ ସମୁଦ୍ରର ଉଷ୍ମ ଓ ଲୁଣିଆ ସ୍ରୋତର ପ୍ରଭାବ ବରଫକୁ ଶୀଘ୍ର ତରଳିପାରେ। ଧ୍ୱଂସ କରିବାର କ୍ଷମତା ହେତୁ ଏହାର ନାମ ଡୁମସଡେ ଗ୍ଲାଇସର ରଖାଯାଇଛି। ଏକ ରିପୋର୍ଟ ଅନୁଯାୟୀ ୧୯୮୦ ଦଶକରୁ ଏଯାବତ ଏହି ଗ୍ଲେସିୟର ୫୯୫ବିଲିୟନ ଟନ ବରଫ ହରାଇଛି। ତେଣୁ ବୈଜ୍ଞାନିକମାନେ ଏହି ଗ୍ଲେସିୟରର ତରଳିବା ବରଫର ପ୍ରତ୍ୟେକ ଇଞ୍ଚ ଉପରେ ନଜର ରଖିଛନ୍ତି। ଆମର ବୈଜ୍ଞାନିକମାନେ ମଧ୍ୟ ଏହି ଗ୍ଲେସିୟର ତରଳିବାର କାରଣଗୁଡ଼ିକ ବିଷୟରେ ଅଧ୍ୟୟନରୁ ସୂଚନା ପାଇଛନ୍ତି ଓ ଏହାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଖୋଜୁଛନ୍ତି। ତଥାପି, ବିଶ୍ୱର ସମସ୍ତ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ବିଶ୍ୱ ତାପମାତ୍ରାରେ ଆନ୍ଥ୍ରୋପୋଜେନିକ କାର୍ଯ୍ୟର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ।ନିକଟରେ କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ଗ୍ଲେସିୟର ଭିତରେ ବହୁ ପରିମାଣର ଅଜ୍ଞାତ ଭାଇରସ୍ ଲୁଚି ରହିଛନ୍ତି, ଯାହା ଗ୍ଲେସିୟର ତରଳିବା ପରେ ପୁନଃ ସକ୍ରିୟ ହୋଇ ପୃଥିବୀରେ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିପାରନ୍ତି। ନିକଟରେ ଆମେରିକୀୟ ବୈଜ୍ଞାନିକମାନଙ୍କର ଏକ ଦଳ ତିବ୍ବତକୁ ଯାଇ ଗ୍ଲାସିଅର ମଧ୍ୟରେ ପୋତି ହୋଇଥିବା ଜୀବାଣୁ ବିଷୟରେ ଅନୁସନ୍ଧାନ କରିଥିଲେ। ସେମନେ ସେଠାରୁ ସଂଗ୍ରହ କରିଥିବା ନମୁନାରୁ ଜଣାପଡିଛି ଯେ, ସେଥିରେ ୨୮ ପ୍ରକାରର ଜୀବନ୍ତ ଜୀବାଣୁ ରହିଥିଲା, ଯାହାକି ୧୫ ହଜାର ବର୍ଷ ଧରି ବରଫ ତଳେ ପୋତି ହୋଇ ରହିଥିଲେ। ବୈଜ୍ଞାନିକମାନେ ଏହା ମଧ୍ୟ କହିଛନ୍ତି ଯେ ଏହା ଅତ୍ୟନ୍ତ ବିପଜ୍ଜନକ ଜୀବାଣୁ । ଯାହା କି ଭିନ୍ନ ଭିନ୍ନ ଜଳବାୟୁରେ ବଞ୍ଚିବାକୁ ସକ୍ଷମ ଅଟନ୍ତି । ଏପରି ପରିସ୍ଥିତିରେ ଯଦି ସେମାନେ ଭବିଷ୍ୟତରେ ସକ୍ରିୟ ହୁଅନ୍ତି, ତେବେ ଫଳାଫଳ ବହୁତ ଭୟଙ୍କର ହେବ। ଏହା କରୋନା ମହାମାରୀଠାରୁ ଅତ୍ୟନ୍ତ ଭୟଙ୍କର ହେବା ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇପାରେ। ମଣିଷ ସମାଜ ବର୍ତ୍ତମାନ ସେହି ଜୀବାଣୁ ସହ ଲଢିବାକୁ ସକ୍ଷମ ନୁହେଁ ବୋଲି ଅନୁସନ୍ଧାନକାରୀ ଦଳ ପକ୍ଷରୁ କୁହାଯାଇଛି। ଅନୁସନ୍ଧାନକାରୀମାନେ ଏହା ମଧ୍ୟ ଜଣାଇଛନ୍ତି ଯେ, ଏବେ ଆଣ୍ଟାର୍କଟିକାର ଗ୍ଲେସିୟର ପୂର୍ବ ଅପେକ୍ଷା ବହୁତ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ସେହି ଗ୍ଲେସିୟରରେ ମଧ୍ୟ ଅନେକ ଭାଇରସ୍ ଲୁଚି ରହିଛି, ଯାହା ଭବିଷ୍ୟତରେ ପୃଥିବୀରେ ଏକ ଭୟଙ୍କର ମହାମାରୀ ଆଣିପାରେ । ନିକଟରେ କିଛି ମାସ ପୂର୍ବରୁ ଉତ୍ତରାଖଣ୍ଡର ଚାମୋଲିରେ ଗ୍ଲେସିୟର ତରଳି ଭାଙ୍ଗିବାର ଖବର ଆସିଥିଲା । ଭାରତର ଏହି ଅଞ୍ଚଳରେ ବହୁତ ଗ୍ଲେସିର୍ ଅଛି ଏବଂ ପରିବେଶବିତଙ୍କ ଅନୁଯାୟୀ କ୍ରମାଗତ ତାପମାତ୍ରା ବୃଦ୍ଧି ହେତୁ ସେଗୁଡ଼ିକର ତରଳିବାର ଗତି ପୂର୍ବ ଅପେକ୍ଷା ବହୁତ ତୀବ୍ର ହୋଇଛି । ଏହି ପରିସ୍ଥିତିରେ ବରଫ ତରଳିବା କାରଣରୁ ଗ୍ଲେସିୟର ମଧ୍ୟରେ ପୋତି ହୋଇଥିବା ଜୀବାଣୁ ନଦୀରେ ଦେଖିବାକୁ ମିଳିପାରେ ଏବଂ ସେହି ମାରାତ୍ମକ ଜୀବାଣୁଗୁଡିକ ନଦୀ ସାହାଯ୍ୟରେ ସାରା ଦେଶରେ ବ୍ୟାପିବାର ସମ୍ଭାବନା ରହିଛି, ଯେଉଁ କାରଣରୁ ଭାରତରେ ଏକ ଗୁରୁତର ମହାମାରୀ ଜନ୍ମ ହୋଇପାରେ। ତେଣୁ ଏଥିପାଇଁ ସମସ୍ତଙ୍କୁ ସଜାଗ ରହିବା ଦରକାର। ପୃଥିବୀର ତାପମାତ୍ରା କିପରି ହ୍ରାସ ପାଇବ ଆଉ ଗ୍ଲେସିୟର ତରଳିବାକୁ ରୋକାଯାଇ ପାରିବ ସେଥିପ୍ରତି ବିଶ୍ୱ ଏକ ହବା ଦରକାର, ନୋହିଲେ ଖୁବ୍ ନିକଟରେ ପୃଥିବୀକୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିବ।

**ଅମୂଲ୍ୟ କୁମାର ପଣ୍ଡା**

# ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି



ସୁନ୍ଦରଗଡ : ସୁନ୍ଦରଗଡ଼ ଜିଲ୍ଲାର ସାଧାରଣ ଲୋକଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଆଦି ଶୁଣାଣି କରିବା ଲାଗି ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ଭବନଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଏବଂ ଏସପି ସାଗରିକା ନାଥ ଉପସ୍ଥିତ ରହି ବିଭିନ୍ନ ବ୍ଲକରୁ ଆସିଥିବା ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୨୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୦୭ଟି ସାମୂହିକ ଏବଂ ୧୩ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ସେଥିମଧ୍ୟରୁ ୬୫ଟି ଅଭିଯୋଗର ସମାଧାନ ଜନ ଶୁଣାଣି କାର୍ଯ୍ୟକ୍ରମ ବେଳେ ହିଁ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ବିଚାର କରାଯାଇ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚିକିତ୍ସା ସହାୟତା ପାଇଁ ପୂର୍ବରୁ ଆବେଦନ କରିଥିବା ୩୦ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ରେଡ୍ କ୍ରସ୍ ପାଣ୍ଠିରୁ ଆସିଥିବା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ଲୋକମାନେ ଆସିଥିଲେ। ରାସ୍ତାଘାଟ, ଡ୍ରେନ୍, ରାସନ କାର୍ଡ, ଜମି ଜମା, ବିଦ୍ୟୁତ ଯୋଗାଣ, ଆବାସ ଯୋଜନା ଆଦି ସମସ୍ୟାକୁ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଡିଏଫଓ ପ୍ରଦୀପ ମିରାସେ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବଶଙ୍କର ଟପ୍ପୋ ଉପଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀ ରାଣୀ ନାଏକଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜମିବାଡ଼ି ବିବାଦରେ ପିଡିତା ପରିବାର ନ୍ୟାୟ ପାଇଁ ଏସପିଙ୍କୁ ଫେରାଦ



ଖୋର୍ଦ୍ଧା : ଖୋର୍ଦ୍ଧା ନିରାକାରପୁର ଥାନା ହରିପୁର ଗ୍ରାମରେ ଗୋଟିଏ ପରିବାର ଜମିବାଡ଼ି ବିବାଦରେ ପାଞ୍ଚଦିନ ହେବ ଆକ୍ରମଣର ଶିକାର ହେବା ପରେ ଘରକୁ ଫେରିପାରୁ ନଥିବାରୁ ଆଜି ଜିଲ୍ଲା ଏସପିଙ୍କ ନିକଟରେ ଅଭିଯୋଗ କରିବା ସହିତ ପୁରା ପରିବାର ସୁରକ୍ଷା ପାଇଁ ଦାବି କରିଛନ୍ତି। ପିଡିତ ପରିବାରର ଅଭିଯୋଗ ଅନୁସାରେ ଜମିବାଡିକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା ପରେ ଅପରପକ୍ଷ ପରିବାରର ସଦସ୍ୟମାନେ ଏକତ୍ରିତ ହୋଇ ଗୀତା ସେଠୀଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଶଶୁର ଓ ସ୍ୱାମୀ ଗୁରୁତର ହୋଇ ଭୁବନେଶ୍ୱର ସ୍ଥାନ୍ତର ହୋଇଥିଲେ। ପରେ ସେମାନେ ନିରାକାରପୁର ଷ୍ଟେସନ ନିକଟରେ ଦିର୍ଘ ପାଞ୍ଚ ଦିନ ହେବ ପଡିରହିଛନ୍ତି । ସେମାନଙ୍କୁ ଘରକୁ ଗଲେ ଜୀବନରୁ ମାରିଦେବାକୁ ଧମକ ମିଳୁଥିବାର କହିଛନ୍ତି। ସେହିପରି ନିରାକାରପୁର ଥାନା ପୋଲିସ ମାମଲା ରୁଜୁ କରି ଚୁପ ବସିଛି। ପରିବାର ଲୋକଙ୍କୁ ଟଙ୍କା ମାଗୁଥିବାର ସେମାନେ ଆଜି ନ୍ୟାୟ ପାଇଁ ଏସପିଙ୍କୁ ଅଭିଯୋଗ କରିଛନ୍ତି। ସେପଟେ ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି ସେମାନଙ୍କ ଅଭିଯୋଗ ଅନୁସାରେ ତାଙ୍କୁ ସୁରକ୍ଷା ଯୋଗାଇ ଦେବା ସହିତ ଘଟଣାର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଦୋଳାରେ ବୁହା ହେଲା ଗର୍ଭବତୀ, ରାସ୍ତା ନାହିଁ



କନ୍ଧମାଳ: କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତର ଟେଟେରୋ ଗାଁ ମୁଖ୍ୟ ରାସ୍ତା ଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ରହି ଏଭଳି ଅନେକ ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ । ସରକାରଙ୍କ ମାଳମାଳ ଯୋଜନା ଥିଲେ ମଧ କନ୍ଧମାଳ ଜିଲ୍ଲାର ଅନେକ ଗ୍ରାମ ଅପହଞ୍ଚ ହୋଇରହିଛି । କୈଣସି ଜରୁରୀ କାମ ପାଇଁ ଗ୍ରାମବାସୀ ବାହାରକୁ ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ଗାଁ ବାଟରେ ରହିଛି କାଲିପେନୁ ନଦୀ ଉପରେ ପୋଲ ନ ଥିବାରୁ ଗାଁ ପର୍ଯ୍ୟନ୍ତ ଗାଡ଼ି ପହଞ୍ଚି ପାରୁନାହିଁ । ସେହି ଗ୍ରାମର ଅରୁଣ ପ୍ରଧାନଙ୍କ ସ୍ତ୍ରୀ ଆରତୀ ଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ଏ ନେଇ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା କିନ୍ତୁ ରାସ୍ତା ନଥିବାରୁ ଜନନୀ ଏକ୍ସପ୍ରେସ ଗାଁ ଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଅଟକି ରହିଥିଲା । ଆଶାକର୍ମୀ ମହେଶ୍ୱତା ପ୍ରଧାନଙ୍କ ସହଯୋଗରେ ଗ୍ରାମବାସୀ ଏକ ଦୋଳା କରି ଆସନ୍ନ ପ୍ରସବା ଆରତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଦୋଳରେ ଆଣିଥିଲେ । ସେଠାରୁ ତାଙ୍କୁ ନେଇ ୯ କିମି ଦୂରରେ ସାରଙ୍ଗଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା । ଜିଲ୍ଲାରେ ଏଭଳି ଘଟଣା ଚିନ୍ତା ର ବିଷୟ ହୋଇଛି ।

# ପଦେପଦେ ବଚସାରେ ହତ୍ୟାକାଣ୍ଡ



ବରଗଡ : ବରଗଡ ଜିଲ୍ଲା ଗାଇସିଲାଟ ବ୍ଲକ ସାନ ସାହାଜବାହାଲ ଗାଁ ରେ ବଚସାକୁ ନେଇ ହତ୍ୟାକାଣ୍ଡ । ବଲାଙ୍ଗୀର ଜିଲ୍ଲା ଗଭରା ଗାଁର ଶୁକ୍ରୁ ବରିହା ଓ ଅନ୍ୟ ଚାରି ଜଣ ଯୁବକ ବରଗଡ ଜିଲ୍ଲାକୁ କାମ କରିବାକୁ ଯାଇଥିଲେ। ଗତ ତିରିଶ ତାରିଖରେ ସେମାନେ ବରଗଡ ସାନ ସାହାଜବାହାଲ ଗାଁରେ ପହଁଚି ଥିଲେ। ଏହା ଭିତରେ ଶୁକ୍ରୁ ବରିହା ଗାଁ ବାହାରକୁ ଯାଇଥିଲା । ସେହି ଗାଁର ସୁରେଶ ସା କାଠ ହାଣୁଥିବା ବେଳେ ଶୁକ୍ରୁ ସହ ତାହାର ବଚସା ହୋଇଥିଲା । ଶୁକ୍ରୁ ସୁରେଶକୁ କାଠ ଫାଳିଆରେ ଆକ୍ରମଣ କରିଥିବା ବେଳେ ସୁରେଶ କାଠ ହାଣିଥିବା କୁରାଢୀରେ ଶୁକ୍ରୁ ବରିହାକୁ ଆକ୍ରମଣ କରିଥିଲା । ଫଳରେ ଶୁକ୍ରୁ ଗଭୀର ଭାବେ ଆହତ ହୋଇଥିଲା । ସାନସାହାଜ ବାହାଲ ଓ ବାବେବାହାଲ ଗାଁ ମଝିରେ ଥିବା ଗୋବର୍ଦ୍ଧନ ମାଝିଙ୍କ ବିଲରୁ ପୋଲିସ ଶୁକ୍ରୁ ବରିହା ର ରକ୍ତାକ୍ତ ଶରୀରକୁ ଠାବ କରିଥିଲା । ଶୁକ୍ରୁକୁ ପଦ୍ମପୁର ଓ ପରେ ଭୀମ ଭୋଇ ମେଡିକାଲ କଲେଜ ବଲାଙ୍ଗୀରକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଶୁକ୍ରୁ ବରିହାର ବାପା ଚନ୍ଦ୍ର ଶେଖର ବରିହାର ଅଭିଯୋଗ ଆଧାରରେ ଗାଇସିଲାଟ ଥାନା ଅଧିକାରୀ ବୀରବର ଭଗତ ତଦନ୍ତ କରି ସୁରେଶ ସା ବିରୋଧରେ ଏକ ମାମଲା ରୁଜୁ କରି ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢୀ ଜବତ କରିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ଚଲାପଥର ନୂତନ କର୍ମକର୍ତ୍ତା ଚୟନ

ଭୁବନେଶ୍ୱର : "ଚଲାପଥ"ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ନୂତନ କର୍ମକର୍ତ୍ତା ମନୋନିତ କରାଯାଇଛି। ପୂର୍ବତନମନ୍ତ୍ରୀ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି, ବରିଷ୍ଠ କଥାକାର ତଥା କାହାଣୀର ସଂପାଦକ ବିଜୟ ନାୟକ, ପ୍ରଗତିବାଦୀର ସଂପାଦକବୀରୁପାକ୍ଷ ତ୍ରିପାଠୀ ଓ ଡାକ୍ତର ହେମନ୍ତ କୁମାର ସାହୁ ବରିଷ୍ଠ କବି, ରକ୍ଷକ ନାୟକ, କବି ଇଂ ବିଜନ କୁମାରବେହେରା / ସାହିତ୍ୟିକ ମୃତ୍ୟୁଞ୍ଜୟ ସିଂହ ଦିଗ୍‌ଦର୍ଶକ ଭାବେ ମନୋନିତ ହୋଇଥିବା ବେଳେ, ବରିଷ୍ଠ ପ୍ରଶାସକତଥା କବି ରବିନାରାୟଣ ସେନାପତିଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସଂସଦର ମୁଖ୍ୟ ତଥା ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଡକ୍ଟର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ପ୍ରଶାସକ ତଥା କବି ନିରାକାର ଦାସ, ବାଙ୍ଗାଲୋର ସାହିତ୍ୟ ସମାଜର ସଂପାଦକ ତାପସ ରାଜ, ପ୍ରଫେସର ଡକ୍ଟର ନୃସିହଚନ୍ଦ୍ର ସାହୁ କବି ତଥା ସାମ୍ବାଦିକ ଅଜୟ କୁମାର ଦାସଙ୍କୁ ଉପଦେଷ୍ଟା ଭାବେ, ବୟୋଜ୍ୟେଷ୍ଠ ସାହିତ୍ୟିକା ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କୁ ସଭାପତି, ରାଧାକାନ୍ତ ପଣ୍ଡାଙ୍କୁ କାର୍ଯ୍ୟକାରୀ ସଭାପତି, ଚଲାପଥର ପ୍ରତିଷ୍ଠାତା ହଳଧର ଧୀରଙ୍କୁ ସଂପାଦକ, କବି ଯୋଗେନ୍ଦ୍ର କୁମାର ନାୟକ ଓ କବି ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକଙ୍କୁ ଉପସଭାପତି, ଡକ୍ଟର ବାସନ୍ତି ମହାନ୍ତିଙ୍କୁ କାର୍ଯ୍ୟନିର୍ବାହୀ ସଂପାଦିକା, ଡକ୍ଟର ବିଧୁପ୍ରଭା ରଥ ଓ ଡକ୍ଟର ଝାନ୍‌ସି ସିଂଙ୍କୁ ଯୁଗ୍ମସଂପାଦିକା, ଡକ୍ଟର ଭି. ରାଜେନ୍ଦ୍ର ରାଜୁଙ୍କୁ ସହଯୋଗୀ ସଂପାଦକ, କବି ଗୀତାଞ୍ଜଳୀ ମହାନ୍ତି, କବି ରାଜକିଶୋର ମହାନ୍ତି ଓ କବି ପ୍ରତ୍ୟୁସ୍ କୁମାର ଭଞ୍ଜଙ୍କୁ ସହସଂପାଦକ ଭାବେ ମନୋନିତ କରାଯାଇଛି।

# ବୁଗୁଡ଼ା ନଗର ବିଜେଡି ସଭାପତି ଓ ସାଂସଦ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା




ବୁଗୁଡା : ସ୍ଥାନୀୟ ବିର ନାରାୟଣ କଲ୍ୟାଣୀ ମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାଢୀ ଯୋଗ ଦେଇଥିବା ବେଳେ ନବ ନିଯୁକ୍ତ ବୁଗୁଡ଼ା ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା ଏବଂ ସାଂସଦ ପ୍ରତିନିଧି ବସନ୍ତ କୁମାର ଦଳେଇଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ଏ.ଚନ୍ଦନ ଚର୍ଚ୍ଚିତ ପାତ୍ରଙ୍କୁ ବିଧାୟକ ପ୍ରତିନିଧି ଏବଂ ବିଚିତ୍ର ପାଣିଗ୍ରାହୀଙ୍କୁ ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ଘୋଷଣା କରାଯାଇଥିଲା।

# କୁଜଙ୍ଗ ବ୍ଲକଠାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକ ଠାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଯୋଗଦେଇ ଜିଲ୍ଲାପାଳ ପାରୁଲ ପାଟୱାରୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୨୩୬ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୨୧୮ଟି ବ୍ୟକ୍ତିଗତ ସମସ୍ୟା ଓ ୧୮ଟି ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ସେଥିମଧ୍ୟରୁ ରେସନ କାର୍ଡ ସମ୍ପର୍କୀୟ ୧୯ଟି, ଆବାସ ଯୋଜନା ସମ୍ପର୍କୀୟ ୧୧୭ଟି, ଜମିଜମା ସମ୍ପର୍କୀୟ ୩୨ଟି, ରେଡ଼କ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି, ପୋଲିସ ସହାୟତା ନିମନ୍ତେ ୨ଟି, ଭତ୍ତା ସମ୍ପର୍କୀୟ ୧୯ଟି ଓ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ଗୋଟିଏ ଅଭିଯୋଗର ତତକାଳ ଫଏସଲା ହୋଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଆଖିଳେଶ୍ୱର ସିଂହ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ କାହ୍ନୁଚରଣ ଧୀର, ଉପ ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, କୁଜଙ୍ଗ ବିଡିଓ ଶୌମ୍ୟଶ୍ରୀ ପାଣିଗ୍ରାହୀ, ତହସିଲଦାର ପ୍ରୀତିପର୍ଣ୍ଣ ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ।

# ଚିଲିକାରେ ଡଙ୍ଗାରୁ ଖସିପଡି ଛାତ୍ରଙ୍କ ମୃତ୍ୟୁ

ଚିଲିକା, : ଚିଲିକାରେ ଡଙ୍ଗାରୁ ଖସି ଜଣେ ଛାତ୍ରଙ୍କ ମୃତ୍ୟୁ।ଚିଲିକାରୁ ଛାତ୍ରଙ୍କ ଶବ ଉଦ୍ଧାର। ଚିଲିକାର ୮ ନଂ କୂଦ ନିକଟରୁ ଶବ ଉଦ୍ଧାର। ଗତକାଲି ମାଛ ବାହାଣ କରିବାକୁ ଚିଲିକାକୁ ଯାଇଥିଲା ବେଳେ ଡଗାଂରୁ ଖସିପଡି ଛାତ୍ରଙ୍କ ମୃତ୍ୟୁ ଘଟିଛି। ଚିଲିକାର ଅଥଳ ଜଳ ରାଶିରେ ଖସି ପଡି ଛାତ୍ରଙ୍କ ମୃତ୍ୟୁ।ମୃତକ ଜଣଙ୍କ ଝାଟିନୂଆଗାଁ ଗ୍ରାମର ରଶ୍ମି ରଂଜନ ମଳିକ।ଗତକାଲି ରାତିରେ ଚିଲିକାରୁ ବାପା ନବ ମଲ୍ଲିକ ସହିତ ପୁଅ ରଶ୍ମି ଦୁହେଁ ମାଛ ମାରି କୂଳକୁ ଫେରୁଥିବା ବେଳେ ଘଟିଛି ଦୁର୍ଘଟଣା।ଅଥଳ ଜଳରେ ଡଗାଂରୁ ଖସିପଡିଥିଲେ ପୁଅ।ପରେ ବାପ ଚିଲିକାରେ ଅନ୍ଧାର ରାତିରେ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ପୁଅର ସନ୍ଧାନ ପାଇନଥିଲେ। ସ୍ଥାନୀୟ ଗ୍ରାମବାସୀମାନେ ଡଗାଂରେ ଆଜି ସକାଳୁ ବହୁ ଖୋଜାଖୋଜି ପରେ ମିଳିଛି ରଶ୍ମିଙ୍କର ମୃତ ଦେହ।ମୃତକ ଜଣଙ୍କ ବାପ ମାଆଙ୍କର ଏକମାତ୍ର ପଢୁଆ ପୁଅ ହୋଇଥିଲା ବେଳେ ପୁଅର ମୃତ୍ୟୁ ରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି ଏବଂ ଗାଁ ରେ ଶୋକର ଛାୟା ଖେଳିଯାଇଛି। ମୃତଦେହକୁ ପୋଲିସ ଜବତ କରିଛି। ମୃତକର ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ଇତିହାସ ବିଭାଗର ପାଠଚକ୍ର

ହିଞ୍ଜିଳିକାଟୁ : ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଶତବାର୍ଷିକ ପ୍ରକୋଷ୍ଠରେ ବିଭାଗୀୟ ମୁଖ୍ୟ ଡ.ବବିତା ପାତ୍ର ଓ ଅକ୍ଷୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପାଠଚକ୍ରରେ ବିଭାଗୀୟ ୧ମବର୍ଷ ଛାତ୍ରୀ ଉମାରାଣୀ ପ୍ରଧାନ, ସ୍ୱାତୀଶ୍ରୀ ସ୍ୱାଇଁ ଓ ରୋଜି ନାୟକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଆଫଗାନସ୍ଥାନରେ ତାଲିବାନଙ୍କ ଭୂମିକା ଓ ଆଲୁରୀ ସିତାରାମ ରାଜୁ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧାପକ ତଥା ଗାୟତ୍ରୀ ପରିବାର ର ଦକ୍ଷିଣାଞ୍ଚଳ ଜୋନ ସଂଯୋଜକ ଡ.ବୃନ୍ଦାବନ ମିଶ୍ର ଯୋଗଦେଇ ସନ୍ଦର୍ଭ ଗୁଡ଼ିକର ବିଜ୍ଞାନ ସମ୍ମତ ଆଲୋଚନା କରିଥିଲେ। ଜଗନ୍ନାଥ ଜେନା, ଲିପ୍ସା ସ୍ୱାଇଁ, ସୁମିତ୍ରା ସ୍ୱାଇଁ, ସାଗରିକା ବେହେରା, ପାୟଲ ବେହେରା, ହରପ୍ରିୟା ନାୟକ, ଲିଜା ପରିଡ଼ା, ମନିଷା ପ୍ରଧାନ ଓ ରାଜେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେସ କ୍ଲବର ସଭାପତି ହେଲେ ପ୍ରଭଜିତ ସିଂ ସାଲୁଜା ଏବଂ ସଂପାଦକ ଯୁଗଲ କିଶୋର ଶବର




କଣ୍ଟାବାଞ୍ଜି : ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଗ୍ରଣୀ ଅନୁଷ୍ଠାନ ପ୍ରେସ କ୍ଲବର ନିର୍ବାଚନ ଶେଷ ହୋଇଯାଇଛି । ସଭାପତି ଭାବେ ପ୍ରଭଜିତ ସିଂ ସାଲୁଜା , ସମ୍ପାଦକ ପାଇଁ ଯୁଗଲ କିଶୋର ଶବର ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ସଭାପତି ପ୍ରଭାଜିତ ସିଂ ସାଲୁଜା , ଏବଂ ସମ୍ପାଦକ ଭାବେ ଯୁଗଲ କିଶୋର ଶବର , ନିର୍ବାଚିତ ହୋଇଛନ୍ତି । ଆଜି ପ୍ରେସ କ୍ଲବର ଅନ୍ୟ କର୍ମକର୍ତ୍ତା ସଭାପତି ଏବଂ ସଂପାଦକ ଚୟନ କରିଛନ୍ତି ।କୋଷାଧ୍ୟକ୍ଷ କମଲ ଜିତ ସିଂ ମଖୀଜା, କାର୍ଯ୍ୟକାରି ସଭାପତି ଭାବେ ସୁରଦାସ ବାଗ , ଉପସଭାପତି ଭାବେ ରଶ୍ମି ରଂଜନ ପୁଟେଲ, ମନୋଜ ଶର୍ମା, ସୁବ୍ରତ ମହାକୁଡ, ତୁଲସି ରାମ୍ ଜଗତ, ସହ-ସଂପାଦକ ଭାବେ ରୋହନ ମହତ , ବିସିକେଶନ ମାଝି ( ଅଫିସ) ,ଉପଦେଷ୍ଟା କମିଟିରେ ସୁଶାସନ କଣ୍ଟାବାଞ୍ଜି ଆଶିଷ ଖଇତାନ, ଦୁର୍ଗା ପ୍ରସାଦ ଗୁପ୍ତା, ଆନନ୍ଦ ମୋଟେ, ଆଇନ ପରାମର୍ଶ ଦାତା ଯୁବ ଆଇନଜିବୀ ବିବେକ ଶର୍ମା । କାର୍ଯ୍ୟକାରୀ ସଦସ୍ୟ ଦିପକ ଦାସ ଯାଦବ, ଅନିଲ ତ୍ରିପାଠି, ସୁଶାନ୍ତ ବେହେରା, ଅଙ୍କୁର ଅଗ୍ରୱାଲ, ଦିପକ ପାଣିଗ୍ରାହୀ, ଜଗମୋହନ ତାଣ୍ଡି, ଗଣେଷ ଦାସ, ବିକାଶ ଶର୍ମା, ଦିନେଶ ଜୈନ, ଦେବେଷ ଅଗ୍ରୱାଲ, ଅଶୋକ ଖମାରୀ ପ୍ରମୁଖ ମନୋନୀତ ହୋଇଛନ୍ତି।

# ଜାତୀୟ ରାଜପଥ ପିଡିଙ୍କ ବୁଢାମରା ରେଳଷ୍ଟେସନ ରାସ୍ତା ପରିଦର୍ଶନ



ବାଙ୍ଗିରିପୋଷି : ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ବୁଢାମରା ରେଳ ଷ୍ଟେସନ ଠାରୁ ନୂତନ ଜାତୀୟ ରାଜପଥ ଦୁରେଇ ଯିବାରୁ ପୁରାତନ ଜାତୀୟ ରାଜପଥର ଅବସ୍ଥା ବିପଦ ସଂକୁଳ ହୋଇପଡିଛି। ଏ ବାବଦରେ ସ୍ଥାନୀୟ ଜନସାଧାରଣ ମାନ୍ୟବର କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଷ୍ଟେସନକୁ ଯିବା ଆସିବା ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଅଛି।ନୂତନ ଜାତୀୟ ରାଜପଥ ଷ୍ଟେସନ ଠାରୁ ଦୁରେଇ ଯିବାରୁ ପୁରୁଣା ରାସ୍ତାର ମରାମତି ଦାଇତ୍ୟ କେହି ନେଉନାହାନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ତାଗିଦ ପରେ ବିଭାଗିୟ ଅଧିଆରୀ ରାସ୍ତା ପରିଦର୍ଶନ ରେ ଆଜି ଆସି ରାସ୍ତାର ମରାମତି ତୁରନ୍ତ କରାଯିବ ଓ ଏହି ରାସ୍ତାର ଅଟକଳ ହୋଇ ଆସିଅଛି। ଏହି ପୁରୁଣା ରାସ୍ତା କୁ ରାଜ୍ୟ ସରକାର ଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି। ତୁରନ୍ତ ଏହି ରାସ୍ତାଟି ମରାମତି ହୋଇଯିବ ବୋଲି କହିଛନ୍ତି। ତତସଂଗକୁ ନୂତନ ଜାତୀୟ ରାଜପଥର ଜଗନ୍ନାଥ ଖୁଣ୍ଟା ବସଷ୍ଟାଣ୍ଡ ଓ ବୁଢାମରା ରେଳ ଷ୍ଟେସନ ନିକଟ ରେ ଏକ ବସ ଷ୍ଟେଣ୍ଡ ହେବ ବୋଲି ପ୍ରତିସୃତି ଦେଇଛନ୍ତି। ତାଙ୍କ ସହିତ ମୟୁରଭଞ୍ଜ ରେଳ ବିଭାଗର ମେମ୍ବର ହେମନ୍ତ ଶାହା ବାବୁ ଓ ଫାଗୁଭାଇ ଉପସ୍ଥିତ ରହିଥିଲେ ।

## ପାରାବେଡା ଅଞ୍ଚଳ ପରିଦର୍ଶନ କଲେ ପୌର ଅଧ୍ୟକ୍ଷ

ଜୟପୁର : ଜୟପୁର ସହରର ପାରାବେଡା ଅଞ୍ଚଳ ପରିଦର୍ଶନ କଲେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି। ପୌର ଅଧ୍ୟକ୍ଷ ମହାନ୍ତି ଙ୍କ ସହ ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ। ପାରାବେଡା ଅଞ୍ଚଳରେ କଣ କଣ ସମସ୍ୟା ରହିଚି ସାହି ବାସିନ୍ଦାଙ୍କୁ ପଚାରି ବୁଝିଥିଲେ। ବର୍ଷା ଜଳ ନିଷ୍କାସନ ହୋଇପାରୁ ନଥିବାରୁ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇ ସାହିବାସିନ୍ଦା ଦାବି କରିଥିଲେ। ସବୁସମସ୍ୟାର ସମାଧାନ କରିବା ପାଇ ପୌର ଅଧ୍ୟକ୍ଷ ମହାନ୍ତି ପ୍ରତିଶ୍ରୁତି ଦେଇ ଫେରିଥିବା ଜଣାଯାଇଛି।

# ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବରକୁ ସ୍ୱେଚ୍ଛାକୃତ ସଂଯୋଗୀକରଣ ପାଇଁ ଭୋଟ ଦାତାଙ୍କୁ ନିବେଦନ

ରାଇରଙ୍ଗପୁର : ବାମନଘାଟି ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଶ୍ରୀ ସରୋଜ କୁମାର ଦାଶ, ଓ. ପ୍ର. ସେ.ଙ୍କ ଅଧକ୍ଷତା ରେ ନିଜ ଭୋଟର ପରିଚୟ ପତ୍ର ସହିତ ନିଜ ଆଧାର ନମ୍ବର କୁ ସଂଯୋଗୀକରଣ ନିମନ୍ତେ ଭାରତ ସରକାର ଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ ଦ୍ୱାରା ଭାରତୀୟ ଜନପ୍ରତିନିଧି ନିୟମ -୧୯୫୦/ ୧୯୫୧ର କେତେକ ସଂଶୋଧନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ,ବିଭିନ୍ନ ବିଭଗୀୟ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ବିଭିନ୍ନ ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭ ରେ ଉପଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଭୋଟର ତାଲିକା ରେ ଭୋଟରମାନଙ୍କ ନାମ ପଞ୍ଜିକରଣ ପାଇଁ ଉଦ୍ଦିଷ୍ଟ କେତେକ ଆବେଦନ ଫର୍ମର ନୂତନ ରୂପାନ୍ତରିତ ପ୍ରାବଧାନ (ବ୍ୟବସ୍ଥା )ବିଷୟରେ ଉଲ୍ଲେଖ କରିଥିଲେ ଯେପରିକି ପୂର୍ବରୁ ଫର୍ମ ୬ରେ ଜଣେ ନାଗରିକ ଭୋଟର ତାଲିକାରେ ନିଜ ନାମ ପଞ୍ଜିକରଣ ତଥା ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଅନ୍ୟ ଏକ ନିର୍ବାଚନ ମଣ୍ଡଳୀକୁ ପରିବର୍ତ୍ତନ ପାଇଁ ଆବେଦନ କରୁଥିଲେ ମାତ୍ର ପରିବର୍ତ୍ତିତ ନିୟମନୁସାରେ ଫର୍ମ ୬(ଛଅ)ରେ କେବଳ ନୂତନ ଭୋଟର ଭାବେ ନାମ ପଞ୍ଜିକରଣ ପାଇଁ ଆବେଦନ କରିବେ ଫର୍ମ ୬ (ଛଅ )-କ ରେ ପ୍ରାବଧାନ ଅପରିବର୍ତ୍ତୀତ ରହିଛି। ପୂର୍ବ ପରି ଉକ୍ତ ଫର୍ମ ଜରିଆରେ ଭାରତ ବାହାରେ ରହୁଥିବା ନାଗରିକମାନେ ଭୋଟର ତାଲିକାରେ ସେମାନଙ୍କ ନାମ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ ସେହିପରି ଫର୍ମ ୭ (ସାତ)ରେ ପୂର୍ବରୁ ନାମ ବାଦ କରିବା ପାଇଁ ଆବେଦନ କରାଯାଉଥିବା ବେଳେ ବର୍ତମାନ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇ ନାମ ଉଛେଦ ପାଇଁ ମୃତ୍ୟୁ ପ୍ରମାଣ ପତ୍ର ସଂଲଗ୍ନ ର ବ୍ୟବସ୍ଥା କରାଯାଇଛି.ସେହିପରି ପୂର୍ବରୁ ଫର୍ମ ୮ (ଆଠ)ରେ ଭୋଟର ପରିଚୟ ପତ୍ର କେବଳ ଗୋଟିଏ ଭୁଲ ର ସଂଶୋଧନ ପାଇଁ ଆବେଦନ କରାଯାଉଥିବା ବେଳେ ବର୍ତମାନ ଫର୍ମ ୮ (ଆଠ)ରେ ସମାନ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିମ୍ବା ଅନ୍ୟ ଏକ ନିର୍ବାଚନ ମଣ୍ଡଳୀ କୁ ତଥ୍ୟ ପରିବର୍ତ୍ତନ ଯଥା ନିଜ ସ୍ଥାନାନ୍ତରିତ ଘର, ବର୍ତମାନର ଭୋଟର ତାଲିକା ରେ ଥିବା ତଥ୍ୟର ପରିବର୍ତ୍ତନ, ପୁରୁଣା ଭୋଟର ପରିଚୟ ପତ୍ର ସ୍ଥାନରେ ନୂତନ ଭୋଟର ପରିଚୟ ପତ୍ର ଏବଂ ଭିନ୍ନକ୍ଷମ ଚିହ୍ନିତ ଭୋଟର ପରିଚୟ ପାଇଁ ଆବେଦନ କରିପାରିବେ ସେହିପରି ଫର୍ମ ୮(ଆଠ)କ ଏବଂ ଫର୍ମ ୦୦୧ ର ବ୍ୟବହାର କୁ ବନ୍ଦ କରାଯାଇଛି ସେହିପରି ନୂତନ ଭାବେ ଫର୍ମ ୬(ଛଅ) ଖ କୁ ପରିଚୟ କରାଯାଇଛି । ଏହି ଫର୍ମ ଜରିଆରେ ପ୍ରତ୍ୟେକ ଭୋଟଦାତା ସେମାନଙ୍କ ଆଧାର ନମ୍ବର କୁ ନିଜ ନିଜର ଭୋଟର ପରିଚୟ ପତ୍ର ସହିତ ସଂଯୋଗ କରିପାରିବେ। ଏହି ଆଧାର ନମ୍ବର ସଂଯୋଗୀକରଣ କାର୍ଯ୍ୟ ପ୍ରତ୍ୟେକ ଭୋଟ ଦାତା ସ୍ୱୟଂ ନିଜେ ଅନଲାଇନ ରେ କରିପାରିବେ ଏବଂ ସଂଯୋଗୀକରଣ ର ଅଧିପ୍ରମାଣ ନିଜ ମୋବାଇଲ ଫୋନ କିମ୍ବା ଜରିଆରେ କରିପାରିବେ । ଯଦି କୌଣସି କାରଣରୁ ଜଣେ ଭୋଟ ଦାତା ସ୍ୱୟଂ ଏହି କାର୍ଯ୍ୟ କରିବାରେ ଅସଫଳ ହୁଅନ୍ତି ତେବେ ସେ ଚାହିଁଲେ ଅଫଲାଇନ ସହିତ ଆବଶ୍ୟକୀୟ କାଗଜ ପତ୍ର ସଂଲଗ୍ନ କରି ଏଥିପାଇଁ ବୁଥ ଲେବେଲ ଅଧିକାରୀଙ୍କ ଆବେଦନ କରିପାରିବେ। ପରବର୍ତୀ ସମୟରେ ଏହା ସାପୃକ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ରିଟର୍ନିଙ୍ଗ ଅଧିକାରୀଙ୍କ ସ୍ତରରେ ଉକ୍ତ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଅଧିପ୍ରମାଣ କରାଯିବ । ଏତଦ ବ୍ୟତୀତ ବାର୍ଷିକ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟ ରେ ବୁଥ ଲେବେଲ ଅଧିକାରୀମାନେ ଘରକୁ ଘର ଯାଇ ଭୋଟଦାତା ମାନଙ୍କ ଠାରୁ ଫର୍ମ ୬(ଛଅ)-କ ଆଧାର ନମ୍ବର ସଂଗ୍ରହ କରିବେ ଏହି ଆଧାର ନମ୍ବର ଦେବା ପାଇଁ କୌଣସି ଭୋଟ ଦାତାଙ୍କୁ ବାଧ କରାଯିବନାହିଁ। ମାତ୍ର ନିର୍ବାଚନରେ ସ୍ୱଛତା ତଥା ନକଲି ଭୋଟଦାତାକୁ ରୋକିବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ପଞ୍ଜିକୃତ ସମସ୍ତ ଭୋଟଦାତାଙ୍କୁ ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବରକୁ ସ୍ୱେଛା କୃତ ଭାବେ ତା.୩୧-୦୩-୨୦୨୩ ସୁଦ୍ଧା ସଂଯୋଗ କରିବା ପାଇଁ ନିବେଦନ କରାଯାଇଛି । ସେହିପରି ପୂର୍ବରୁ ବାର୍ଷିକ ଭୋଟର ତାଲିକା ସଂଶୋଧନ ସମୟରେ ଧାର୍ଯ୍ୟ ତାରିଖ ସୁଦ୍ଧା ୧୮ ବର୍ଷ ବୟସର ନୂତନ ଭୋଟ ଦାତା ମାନେ ବର୍ଷରେ ଗୋଟିଏ ଥର ନାମ ପଞ୍ଜିକରଣ ପାଇଁ ଆବେଦନ କରିପାରୁଥିବା ବେଳେ ବର୍ତମାନ ଯୁବ ବର୍ଗର ଭୋଟର ମାନଙ୍କୁ ଉତ୍ସାହିତ କରିବା ପାଇଁ ବର୍ଷରେ ଭୋଟର ତାଲିକା ରେ ନାମ ପଞ୍ଜିକରଣ ପାଇଁ ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ତାରିଖ କୁ ଧାର୍ଯ୍ୟ ତାରିଖ ଭାବେ ନିଆଯାଇଛି । ଏହାଦ୍ୱାରା ଜଣେ ନୂତନ ଭୋଟର ଚାହିଁଲେ ଭୋଟର ତାଲିକା ରେ ନାମ ପଞ୍ଜିକୃତ କରିବାପାଇଁ ଆଗୁଆ ଆବେଦନ କରିପାରିବେ ଏବଂ ପରବର୍ତୀ ସମୟରେ ବାର୍ଷିକ ଭୋଟର ତାଲିକା ପ୍ରକାଶନ ସମୟରେ ତାଙ୍କ ନାମ ଭୋଟର ତାଲିକା ରେ ପଞ୍ଜିକୃତ ହୋଇ ଭୋଟର ଲିଷ୍ଟ ରେ ଯୋଗ ହୋଇଯିବ । ଉପଜିଲ୍ଲାପାଳ ଶ୍ରୀ ଦାଶ ଉପରୋକ୍ତ ବିଷୟ ଗୁଡିକୁ ପୁଙ୍ଖାନୁପୁଙ୍ଖ ଅବଗତ କରାଇ ଏହାର ବହୁଳ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି ।

### ଖାଲିଥିବା ବିଭିନ୍ନ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ୨୦୨୧ ରୁ ୨୦୨୩ ବର୍ଷ ନିମନ୍ତେ ବୟସସୀମା ୩୮ କୁ ବୃଦ୍ଧି

ଭୁବନେଶ୍ୱର, ୦୮ ଅଗଷ୍ଟ :ରାଜ୍ୟ ସରକାରଙ୍କ ଅଧିନ ବିଭିନ୍ନ କ୍ୟାଡରେ ଖାଲିଥିବା ପଦବୀ ପୁରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ବନ୍ଧରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ବିଭିନ୍ନ ସରକାରୀ ପଦବୀ ନିମନ୍ତେ କମିଶନମାନଙ୍କ ମାଧ୍ୟମରେ ହେଉଥିବା ଚୟନ ଓ ନିଯୁକ୍ତି ପ୍ରକ୍ରିୟା ସମ୍ବନ୍ଧିତ ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ, ଷ୍ଟାଫ୍ ସିଲେକ୍ସନ୍ କମିଶନ, ସବ-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ, ପୋଲିସ୍ ରିକ୍ରୁଟ୍ମେଣ୍ଟ ବୋର୍ଡ ଆଦିଙ୍କୁ ପରାମର୍ଶ ଦେଇଥିଲେ । ଯେଉଁ ପଦବୀମାନଙ୍କ ପାଇଁ ପରୀକ୍ଷା ଓ ମୂଲ୍ୟାୟନ ସରିଛି ସେସବୁର ଚୟନ ତାଲିକା ନିଯୁକ୍ତି ନିମନ୍ତେ ତୁରନ୍ତ ସଂପୃକ୍ତ ବିଭାଗମାନଙ୍କୁ ସୁପାରିଶ କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ବୈଠକର ଆଲୋଚନାରୁ ଜଣାପଡିଥିଲା ଯେ କୋଭିଡ୍-ପରବର୍ତ୍ତୀ ସ୍ଥିତିରେ ରାଜ୍ୟ ସରକାର ବିଭିନ୍ନ ପଦବୀ ନିମନ୍ତେ ଦରଖାସ୍ତ



ଓ ପରୀକ୍ଷା ଫିସ୍ ଛାଡ କରିଛନ୍ତି । ୨୦୨୧, ୨୦୨୨ ଏବଂ ୨୦୨୩ ଏହି ତିନି ବର୍ଷ ପାଇଁ ସରକାରୀ ଚାକିରୀ ପ୍ରବେଶ ବୟସ ସୀମା ମଧ୍ୟ ୩୨ ରୁ ୩୮ କୁ ବୃଦ୍ଧି କରିଛନ୍ତି । ତଦନୁଯାୟୀ ସଂରକ୍ଷିତ ଶ୍ରେଣୀ ଅନ୍ତର୍ଭୁକ୍ତ ବର୍ଗମାନଙ୍କ ପାଇଁ ମଧ୍ୟ ନିୟମ ଅନୁସାରେ ବୟସସୀମା କୋହଳ କରାଯାଇଛି । ସମୀକ୍ଷାରୁ ଜଣାପଡିଥିଲା ଯେ ୨୦୨୧-୨୨ ଏବଂ ଚଳିତ ୨୦୨୨-୨୩ ବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ମାଧ୍ୟମରେ ୨୮୪୮ ପଦବୀ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ମାଧ୍ୟମରେ ୨୫୫୫ ପଦବୀ ଏବଂ ସବ୍-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ ମାଧ୍ୟମରେ ୧୦୩୫୫ ପଦବୀ ପାଇଁ ପାର୍ଥି ଚୟନ କରାଯାଇଛି । ସେମାନଙ୍କୁ ମଧ୍ୟ ସରକାରୀ ବିଭାଗମାନେ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେଉଛନ୍ତି । ଏତଦ୍ୱ୍ୟତୀତ ବର୍ତ୍ତମାନ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ୫୮୯୩ ଗ୍ରୁପ୍-ଏ ଓ ଗ୍ରୁପ୍-ବି (ଦରମା ସ୍ତର-୧୦ ରୁ ଅଧିକ ) ପଦବୀ ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଷ୍ଟାଫ୍ ସିଲେକ୍ସନ୍ କମିଶନ ୨୩୭୬ ଗ୍ରୁପ୍-ବି(ଦରମାସ୍ତର-୯) ଏବଂ ଗ୍ରୁପ୍-ସି ପଦବୀ ପାଇଁ ମଧ୍ୟ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି । ଏମାନେ ସମସ୍ତେ ଷ୍ଟେଟ୍ କ୍ୟାଡର୍ ଅନ୍ତର୍ଭୁକ୍ତ ହେବେ । ସେହିପରି ସବ୍-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ ଜିଲ୍ଲା-କ୍ୟାଡର ଅନ୍ତର୍ଭୁକ୍ତ ଗ୍ରୁପ୍-ବି ଏବଂ ଗ୍ରୁପ୍-ସି ପଦବୀ ପାଇଁ ମଧ୍ୟ ବିଜ୍ଞାପନ, ପରୀକ୍ଷା ଓ ଚୟନ ପ୍ରକ୍ରିୟା ଚାଲୁ ରଖିଛନ୍ତି । ଏହିସବୁ ପଦବୀରେ ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ମୁଖ୍ୟତଃ ବେଶି ସଂଖ୍ୟାରେ ଜୁନିଅର ଇଞ୍ଜିନିୟର, ଷ୍ଟେନୋଗ୍ରାଫର, ଅବକାରୀ ଏସ୍.ଆଇ, ଡାଟା ଏଣ୍ଟ୍ରି ଅପରେଟର, ବ୍ଲକ୍ ସାମାଜିକ ସୁରକ୍ଷା ଅଫିସର, ଅଡିଟର, ଆର. ଆଇ., ଅମିନ, ଫରେଷ୍ଟ ଗାର୍ଡ, ଅବକାରୀ କନେଷ୍ଟବଳ, ନର୍ସିଂ ଅଫିସର, ପ୍ରାଣୀ-ଧନ ନିରୀକ୍ଷକମାନଙ୍କୁ ଚୟନ କରାଯିବ । ଏହାଛଡ଼ା ଓଡ଼ିଶା ସିଭିଲ୍ ସର୍ଭିସେସ୍ ଅନ୍ତର୍ଭୁକ୍ତ ବିଭିନ୍ନ ପଦବୀ, ମେଡିକାଲ୍ କଲେଜ୍ ପାଇଁ ଅତିରିକ୍ତ-ପ୍ରଫେସର, କୃଷି ଅଧିକାରୀ, ସ୍ନାତକତୋର ଶିକ୍ଷକ, ଭୁତତ୍ୱବିତ୍, ବିଭିନ୍ନ ସରକରୀ ମହାବିଦ୍ୟାଳୟ ନିମନ୍ତେ ଅତିରିକ୍ତ-ପ୍ରଫେସର ଆଦି ପଦବୀ ପାଇଁ ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ସୁନିଲ୍ କୁମାର ବନ୍‌ଶାଲ୍, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ କୁମାର ଦେବ, ପ୍ରମୁଖ ଶାସନ ସଚିବ ଓ ସବ୍‌ଅଡିନେଟ ଷ୍ଟାଫ୍ ସିଲେକସନ୍ କମିଶନ ଅଧକ୍ଷ ଶ୍ରୀ ଶାଶ୍ୱତ ମିଶ୍ର, ଷ୍ଟାଫ୍ ସିଲେକସନ୍ କମିଶନ ଅଧକ୍ଷ ଶ୍ରୀ ଅଭୟ, ପବ୍ଲିକ୍ ସର୍ଭିସ୍ କମିଶନ ସେକ୍ରେଟେରୀ ଶ୍ରୀ ପ୍ରମୋଦ ମିଶ୍ରଙ୍କ ସମେତ ସଂପୃକ୍ତ କମିଶନମାନଙ୍କର ସେକ୍ରେଟେରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସମସ୍ତ ଇଆର୍ଓ ତଥା ଉପଜିଲ୍ଲାପାଳମାନଙ୍କୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୦୮ ଅଗଷ୍ଟ: ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ସମସ୍ତ ଇଆର୍ଓ ତଥା ଉପଜିଲ୍ଲାପାଳମାନଙ୍କୁ ନେଇ ଆଜି ଭୁବନେଶ୍ୱରସ୍ଥ ମଧୁସୂଦନ ଏକାଡେମୀଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଲୋକପ୍ରତିନିଧି ଆଇନ-୧୯୫୦ ଏବଂ ନିର୍ବାଚନ ପଂଜୀକରଣ ଆଇନ-୧୯୬୦ରେ କେତେକ ସଂଶୋଧନ କରାଯାଇଥିବା ସଂପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଉପସ୍ଥିତ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ । ଏହା ଫଳରେ ଭୋଟର ତାଲିକାରେ ପଂଜୀକରଣ ନିମନ୍ତେ ଫର୍ମରେ ସଂଶୋଧନ, ଦାବି-ଆପତି ଏବଂ ଭୋଟର ତାଲିକାରେ ପଂଜୀକରଣ ପାଇଁ ଯୋଗ୍ୟତାସୂଚକ ତାରିଖ, ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ-୬(ଖ)ର ପ୍ରଚଳନ କ୍ଷେତ୍ରରେ ଅନେକଗୁଡ଼ିଏ ସଂଶୋଧନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ସମୀକ୍ଷା ବୈଠକରେ ପ୍ରକାଶ କରିଥିଲେ । ଭାରତ ନିର୍ବାଚନ ଆୟୋଗ ଭୋଟର ତାଲିକାରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଭୋଟର ଫଟୋ ପରିଚୟ ପତ୍ର ସହ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ । ଭୋଟର ତାଲିକା ସହ ଆଧାର ସଂଯୋଗୀକରଣ ପାଇଁ ଜଣେ ଘରେ ରହି ଗୁଗୁଲ୍ ପ୍ଲେ ଷ୍ଟୋରରୁ ନିଜ ମୋବାଇଲ୍‌ରେ ଭଠଟଞ୍ଝ.ସଭ କିମ୍ବା ଠଞ୍ଚଟରକ୍ସ ଷରଝଞ୍ଝଝସଭର ଡାଉନ୍‌ଲୋଡ୍ କରି ଆଧାର ସଂଯୋଗୀକରଣ କାର୍ଯ୍ୟ କରିପାରିବେ । ଭୋଟର



ତାଲିକାରେ ନାମ ପଂଜୀକରଣ ନିମନ୍ତେ ଜାନୁଆରୀ ୧ ତାରିଖ ବ୍ୟତୀତ ଆଉ ତିନିଗୋଟି ଯୋଗ୍ୟତାସୂଚକ ତାରିଖ ଯଥା ଅପ୍ରେଲ ୧ ତାରିଖ, ଜୁଲାଇ ୧ ତାରିଖ ଏବଂ ଅକ୍ଟୋବର ୧ ତାରିଖ, ଏହିପରି ଏଣିକି ଚାରିଗୋଟି ଯୋଗ୍ୟତାସୂଚକ ତାରିଖ ରହିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ବାର୍ଷିକ ଚିଠା ଭୋଟର ତାଲିକା ପ୍ରକାଶନ ତା. ୦୯/୧୧/୨୦୨୨ରିଖ ଠାରୁ ତା. ୦୮/୧୨/୨୦୨୨ରିଖ ମଧ୍ୟରେ କରାଯିବ । ଏହାପରଠାରୁ ଯେଉଁ ନାଗରିକଙ୍କର ବୟସ ୧୭ ବର୍ଷ ପୂରଣ ହୋଇଥିବ, ସେ ଭୋଟର ତାଲିକାରେ ନିଜ ନାମ ପଂଜୀକରଣ ନିମନ୍ତେ ଆଗୁଆ ଆବେଦନ କରିପାରିବେ ଏବଂ ପରବର୍ତ୍ତୀ ଯୋଗ୍ୟତାସୂଚକ ତାରିଖରେ ତାଙ୍କୁ ୧୮ ବର୍ଷ ପୂରଣ ହେଲେ, ତାଙ୍କର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଯିବ । ପ୍ରଦତ ଠିକଣାରେ ଡାକଯୋଗେ ତାଙ୍କର ଭୋଟର ପରିଚୟ ପତ୍ର ପ୍ରେରଣ କରାଯିବ । ପୁନରାୟ ଆଉ ତାଙ୍କୁ ଆବେଦନ ପତ୍ର ଦାଖଲ କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ଲୋକପ୍ରତିନିଧି ଆଇନ-୧୯୫୦ ଏବଂ ନିର୍ବାଚନ ପଂଜୀକରଣ ଆଇନ-୧୯୬୦ର ସଂଶୋଧନ ଫଳରେ ଭୋଟର ତାଲିକାରେ ନାମ ପଂଜୀକରଣ ନିମନ୍ତେ ଥିବା ଫର୍ମରେ କେତେକ ସଂଶୋଧନ କରାଯାଇଛି । ସେଗୁଡ଼ିକ ହେଉଛି ଫର୍ମ ନଂ-୬ରେ କେବଳ ନାମ ପଂଜୀକରଣ ନିମନ୍ତେ ଆବେଦନ, ଫର୍ମ ନଂ-୬(ଖ)ରେ ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ, ଫର୍ମ-୭ରେ ଭୋଟର ତାଲିକାରୁ ତଥ୍ୟ ବାଦ୍ ଦେବା ଏବଂ ଫର୍ମ ନଂ-୮ରେ ବାସସ୍ଥାନ ସ୍ଥାନାନ୍ତରଣ, ପ୍ରଚଳିତ ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ, ଭୋଟର ଫଟୋ ପରିଚୟ ପତ୍ର ବଦଳ ଏବଂ ଦିବ୍ୟାଙ୍ଗ ଭୋଟରମାନଙ୍କୁ ଚିହ୍ନଟ କରିବା ଇତ୍ୟାଦି ସଂପର୍କରେ ବ୍ୟବହାର କରାଯିବ । ପ୍ରତ୍ୟେକ ନାଗରିକ ଯେଉଁମାନଙ୍କ ବୟସ ୨୦୨୩ ମସିହାରେ ଥିବା ଯୋଗ୍ୟତାସୂଚକ ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ ହେବାକୁ ଥିବ, ସେମାନଙ୍କୁ ଆଗୁଆ ନାମ ପଂଜୀକରଣ ନିମନ୍ତେ ଆବେଦନ କରିବା ସକାଶେ ଉତ୍ସାହିତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମହତ କାର୍ଯ୍ୟରେ ଅଂଶଗ୍ରହଣ ସହ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କ୍ଷେତ୍ରରେ ସହଯୋଗ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଭୋଟରଙ୍କୁ ନିବେଦନ କରିଛନ୍ତି ।

## ବନ୍ଧୁଗାଁ ପଂଚାୟତ ସମିତିରେ ମିଳିତ ଜନସୁଣାଣି




ବନ୍ଧୁଗାଁ ୮/୮ (ନି.ପ୍ର ) ଆଜି ସକାଳ ୧୦.୩୦ମି. ସମୟରେ ବନ୍ଧୁଗାଁ ପଂଚାୟତ ସମିତି ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣିଥିଲେ । ଆୟୋଜିତ ଏହି ଜନସୁଣାଣିରେ ସମୁଦାୟ ୫୬ଗୋଟି ଅଭିଯୋଗ ପଂଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୧୬ ଗୋଟି ଅଭିଯୋଗ, ସାମୁହିକ ୪୦ ଶୁଣାଣି କରାଯାଇ ସେଗୁଡ଼ିକୁ ସାମାଧାନ ନିମନ୍ତେ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଜନଶୁଣାଣୀ ଶିବିରରେ ୨୦୧୭ ମସିହାରେ ଅନୁପ ଶା ଜିଲ୍ଲାପାଳ ଥିଲା ବେଳେ ଅଚାନକ ଗସ୍ତ କରି କାନାଗାଁ ଠାରୁ ନିଲାବାଡି ରାସ୍ତା ଶିଘ୍ର ମରାମତି କରିବା ପାଇଁ ବିଡ଼ିଓ ଙ୍କୁ ଆଦେଶ ଦେଇଥିବା ସମ୍ବାଦ ଖବର କାଗଜ ପ୍ରକାଶିତ ଏକ ଫୋଟ ଦେଖାଇ ଅଭିଯୋଗ କାରି ଆଜିକୁ ପାଞ୍ଚ ବର୍ଷ ଧରି କାହିଁକି ମରାମତି କରାଯାଇନି ବୋଲି ପ୍ରଶ୍ନ କରିଥିଲେ । ଶୁଣାଣୀ ସରିବାପରେ ବହୁ ଥର ପୋଲ ନିର୍ମାଣ କରିବାପାଇଁ ଅଭିଯୋଗ ହୋଇଆସୁଥିବାରୁ ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନ କାନାଗାଁ ଦେଇ କମୁଗଣ୍ଡା ପଞ୍ଚାୟତ ଗସ୍ତ କରି ଆନ୍ଧ୍ର ସୀମାନ୍ତ ପଞ୍ଚାୟତ କମୁଗଣ୍ଡା ଯାଇ ଆନ୍ଧ୍ର ଓଡ଼ିଶା କୁ ଯୋଡୁଥିବା ଏକ ନଦୀ କୁ ଯାଇ ଅନୁଧ୍ୟାନ କରି ଫେରିବା ବେଳେ କାନାଗାଁ ରୁ ନିଲାବାଡି ରାସ୍ତା ମଧ୍ୟ ଅନୁଧ୍ୟାନ କରି ନିଲାବାଡିରେ ଥିବା ଅନୁସୁଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବାଳିକା ଉଚ୍ଚ ବିଦ୍ୟାଳୟ ଅଚାନକ ପରିଦର୍ଶନ କରିଥିଲେ । ସେଠାରେ ବର୍ଷା ଯୋଗୁଁ ଟୟଲେଟ ଛାତରୁ ପଚ ପଚ୍ ପାଣି ବାହାରୁଥିବା ଦେଖି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ଙ୍କୁ ତାଗିତ କରିଥିଲେ । ପିଲା ମାନଙ୍କୁ ଠିକ୍ ଭାବରେ ସୁବିଧା ସୁଯୋଗ ଦିଆଯାଉଛି କି ନାହିଁ ପଚାରି ବୁଝିଥିଲେ । ଏହି ଜନଶୁଣାଣି ଶିବିରରେ ଜିଲ୍ଲା ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଉତ୍କଳ କେଶରୀ ଦାଶ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରେନ୍ଦ୍ର କଣ୍ଡାଗରି ବନ୍ଧୁଗାଁ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ , ବନ୍ଧୁଗାଁ ତହସିଲଦାର ସଦାଶିବ ଭତ୍ରା, ନିର୍ବାହୀ ଅଧିକାରୀ ବନ୍ଧୁଗାଁ,ଜିଲ୍ଲା ପରିଷଦ ଅଧକ୍ଷା ପ୍ରମୁଖ ଉପସ୍ଥିତ ରହିଥିଲେ ଅଭିଯୋଗ ଶୁଣାଣି କରିଥିଲେ ।

## ଚିକିଣିଆରେ ପି.ଡି. ଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ



ଜଗତସିଂହପୁର ତା ୮।୮(ନି.ପ୍ର) ରଘୁନାଥପୁର ବ୍ଲକ୍ ଚିକିଣିଆ ପଂଚାୟତର ସରପଂଚ ବିଷ୍ଣୁଚରଣ ସେଠୀଙ୍କୁ ପୂର୍ବତନ ସରପଂଚ ବିଭିନ୍ନ ଫାଇଲ ହସ୍ତାନ୍ତର କରୁନଥିବା ନେଇ ଚାଲିଥିବା ବାଦବିବାଦରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିଛି । ଶନିବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ ପଂଚାୟତରେ ପହଂଚି ବିଭି୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ତୁରନ୍ତ ସମସ୍ତ ଫାଇଲ ସରପଂଚ ସେଠୀଙ୍କୁ ହସ୍ତାନ୍ତର କରିବା ପାଇଁ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଭୋଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ପୂର୍ବତନ ସରପଂଚ ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଏହାଛଡା ପଂଚାୟତର କାର୍ଯ୍ୟାଳୟର ପାର୍ଶ୍ୱକୁ ଚାବି ପକାଯାଇ ରଖାଯାଇଥିବା ଏକ ସରକାରୀ ଗୃହକୁ ଉନ୍ମୁକ୍ତ କରି ପଂଚାୟତ ଅଧିନକୁ ଆଣିବା ପାଇଁ ପିଡି ଦାଶ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ପିଡି ଦାଶ ରାଜୀବ ଗାନ୍ଧି ସେବା କେନ୍ଦ୍ର, ମିଶନ ଶକ୍ତି ଗୃହ, କଲଭର୍ଟ, ଅଙ୍ଗନୱାଡି କେନ୍ଦ୍ରରେ ଖର୍ଚ୍ଚ କରାଯାଉଥିବା ଅନୁଦାନର ମୂଲ୍ୟ ସଠିକ୍ ଭାବେ ବିନିଯୋଗ ହୋଇନଥିବା ଦେଖି ଯନ୍ତ୍ରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ । ତୁରନ୍ତ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ ସଂପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଏକ ଡ୍ରେନ୍ କାମରେ ଏଷ୍ଟିମେଟ୍ ୧ଲକ୍ଷ ଟଙ୍କା ଥିବା ବେଳେ ଫଳକରେ ୧ଲକ୍ଷ ୩୦ ହଜାର ଟଙ୍କା ଲେଖାଯିବା ଦେଖି ପିଡି ଆଶ୍ଚର୍ଯ୍ୟ ହୋଇଥିଲେ ।

## କୋଲନରା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



କୋଲନରା, ତା.୮/୮ ରିଖ ସକାଳ ଘ.୧୦.୩୦ ମି. ସମୟରେ ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଆଜି କୋଲନରା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମୋନାଥ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷ ରାମଚନ୍ଦ୍ର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷଲମୋହନ ରାଉତରାୟ, ଉପଜିଲ୍ଲାପାଳ ରାୟଗଡ ଭୀମସେନ ଶବର, ପଂଚାୟତ ସମିତି ଅଧକ୍ଷା ସଂଯୁକ୍ତା କୁଲେଶିକା,ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନ ଶ୍ରୀ ପ୍ରଦୀପ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥାର ସହାକାରୀ ଯନ୍ତ୍ରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ ସାହୁ, ତହସିଲଦାର କଲନାରା, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା ,ବିଡ଼ିଓ ଗୌର ଚନ୍ଦ୍ର ପଟନକ୍ଷୟକ, ଅତିରିକ୍ତ ବିଡିଓ ନୃସିଂହ ଚରଣ ପଟ୍ଟନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ଯୋଗାଣ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଆଜି ମୋଟ ୨୦ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୧୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୩ଗୋଟି ଗ୍ରାମ ବାସୀ ମାନଙ୍କର ଅଭିଯୋଗ ଥିଲା କ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉକ୍ତ ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ସୁବର୍ଣ୍ଣପୁର ସଚେତନ ନାଗରିକମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର ୮/୮ (ନି.ପ୍ର ) ସଚେତନ ନାଗରିକମଞ୍ଚର କାର୍ଯ୍ୟକାରିଣୀ ବୈଠକ ସଭାପତି ସିତାଂଶୁ ଶେଖର ମିଶ୍ରଙ୍କ ଅଧକ୍ଷତାରେ ମେହେର ପାର୍କରେ ସନ୍ଧ୍ୟା ୬ :୧୫ ସମୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଖୋର୍ଦ୍ଧା ବଲାଙ୍ଗିର ରେଳପଥ ଓ ସମ୍ବଲପୁର ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଦେଇଯିବା ବିଷୟରେ ଆଲୋଚନା ହୋଇଥିବା କଥା ଜଣାଯାଏ । ପୂର୍ବରୁ ଉକ୍ତ ବିଷୟରେ ଆଲୋଚନା ହୋଇ ଜିଲ୍ଲା ପ୍ରଶାସନ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ,ମୁଖ୍ୟମନ୍ତ୍ରୀ , ମାନ୍ୟବର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ମାନ୍ୟବର ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ମାନ୍ୟବର ସାଂସଦ ବଲାଙ୍ଗିର ସଂଗୀତା ସିଂଦେଓଙ୍କ ଅବଗତି ଓ ବିହିତ ପଦକ୍ଷେପ ସକାଶେ ଅନୁରୋଧ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୋଣସି ସୁଫଳ ମିଳିନଥିବାରୁ ଉଦବେଗ ପ୍ରକାଶ ପାଇଥିଲା । ସେଥିପାଇଁ ବୈଠକରେ କାର୍ଯ୍ୟରେ ସଫଳତା ହାସଲ ପର୍ଯ୍ୟନ୍ତ ନିରନ୍ତର ପ୍ରୟାସ ଜାରୀରଖିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାଯାଏ । ଆହୁରି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ପବିତ୍ର ଦ୍ୱେଭୂମି ସୁବର୍ଣ୍ଣପୁର ମାଟି ତଥା ଭୀମଭୋଇ ମାଟିରୁ ମାନ୍ୟବର ମହାମହିମ ରାଷ୍ଟ୍ରପତିଙ୍କୁ ସମ୍ବଲପୁର ଗୋପାଳପୁର ରେଳପଥ ସକାଶେ ନିବେଦନ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାଯାଏ । ସ୍ୱାଧୀନତାର ଗୋଟାଏ ପଟେ ଅମୃତ ମୋହସ୍ଵ ପାଳନ ସହ ସବୁ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ରହିଥିବା ବେଳେ । ଆଜି ସେହି ଯୋଗପୁରୁଷସନ୍ଥ କବି ଭୀମଭୋଇଙ୍କ ମାଟି ଏକଜିଲ୍ଲାହୋଇ ମଧ୍ୟ ରେଲ ଯୋଗାଯୋଗ ପାଇଁ ସଂଘର୍ଷ ନିଶ୍ଚୟ ଚିନ୍ତାର ବିଷୟ ବୋଲି ମଞ୍ଚପ୍ରକାଶ କରିଛି । ' ଏ ଜୀବନ ପଛେ ନର୍କେ ପଡ଼ିଥାଉ' 'ଜଗତ ଉଦ୍ଧାର ହେଉ ।' ସନ୍ଥକବି ଭୀମଭୋଇଙ୍କ



ଏହି ମହତ୍ ବାଣୀକୁ ଆଜି ମାଟି ମର୍ମେ ମର୍ମେ ହୃଦୟଙ୍ଗମ ସହ ଶାନ୍ତଶିଷ୍ଟ ରହିବାର ଫଳ ଯେ ଓଲଟା ରହିବ ସେମାନେ ବିଶ୍ୱାସ କରିପାରୁନଥିବା ଅଭିଯୋଗ କରୁଛନ୍ତି । ହେଲେଏବେ ଏହି ମାଟିର ସନ୍ତାନ ମାନଙ୍କ ମଧ୍ୟରେ ଏକ ନୂତନ ଆଶାର ସଞ୍ଚାର ହୋଇଥିବା କଥା କହିଛନ୍ତି । ମାନ୍ୟବର ମହାମହିମ ରାଷ୍ଟ୍ରପତିଙ୍କୁ ଗୁହାରୀ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାଯାଏ । ରେଳପଥ ନିର୍ମାଣ ସକାଶେ । ସମ୍ବଲପୁର ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ଦେଇ ଯିବା ସକାଶେ ।ତାହା ହୋଇପାରିଲେ ସେହି ଯୋଗପୁରୁଷ ସନ୍ଥ କବି ଭୀମଭୋଇଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିଛନ୍ତି । ଏବଂ ଆଶା କରୁଛନ୍ତି ମାଟିର ଏହି ଛୋଟ ଅନୁଗ୍ରହକୁ ନିଶ୍ଚୟ ରାଷ୍ଟ୍ରର ମୁଖ୍ୟ ଶହୃଦୟତାର ସହ ବିଚାରକରିବେ । ସେଥିପାଇଁ ମାନ୍ୟବର ମହାମହିମ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଏ । ତାହା ସହ ପବିତ୍ର ଦ୍ୱେଭୂମି ସୁବର୍ଣ୍ଣପୁର ସହରକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳିଆ ହେରିଟେଜପ୍ରକଳ୍ପ ବିଷୟରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା । ଜିଲ୍ଲାର ସଦର ମହକୁମାଠାରେ ଚାଲୁ ରହିଥିବା ମହାନଦୀ ସେତୁ ଠାରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ରିଙ୍ଗରୋଡ଼ କାର୍ଯ୍ୟ ଓ ମହାନଦୀ ସେତୁଠାରୁ କୁଞ୍ଜଢାବା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ଅଗ୍ରଗତି ବିଷୟରେ ମଧ୍ୟ ଆଲୋଚନା ହେଇଥିବା ଜଣାଯାଏ । ଜିଲ୍ଲା ପ୍ରଶାସନ ଉକ୍ତ ସବୁ କାର୍ଯ୍ୟ କିଭଳି ସରିବ ତାଉପରେ ଗୁରୁତ୍ୱ ପ୍ରଦାନ କରୁନଥିବା ମଧ୍ୟ ମଞ୍ଚ ଅଭିଯୋଗ ବାଢିଛି । ଉକ୍ତ ସବୁ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ପ୍ରଶାସନକୁ ଖୁବ ଶୀଘ୍ର ଭେଟିବାର ରହିଥିବା କଥା ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର ସମ୍ପାଦକ ଗୁଣନିଧି ମେହେରଙ୍କ ସମେତ ରାମକୃଷ୍ଣ ମେହେର ,ଦୁଃଖିରାମ ନାୟକ , ବିନୋଦ ମେହେର, ମହେଶ ପୂଜାହାରୀ,ବାଙ୍କାନିଧି ରାୟଗୁରୁ ,ସୂର୍ଯ୍ୟ ନାରାୟଣ ଦାସ,ନବଘନ ସାହୁ,ପଞ୍ଚାନନ ବାରିକ, ନାଟ୍ୟଶ୍ରୀ ଗଦାଧର ବାରିକ, ଓ ଶିବରାମମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ନାଟ୍ୟଶ୍ରୀ ଗଦାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

ଭୁବନେଶ୍ୱର,୮.୮ : ଋଇଲଡ଼ ଫଣ୍ଡ ଇଣ୍ଡିଆର ଭୁବନେଶ୍ୱର ଅର୍ବାନ ଡ଼େଭଲପମେଣ୍ଟ ପ୍ରକଳ୍ପ ତରଫରୁ ଭୁବନେଶ୍ୱରର ବିଭିନ୍ନ ସ୍ଲମରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ଶିଖରଚଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସଭା ଓ ରାଲିର ଆୟୋଜନ କରାଯାଇଥିଲା । ଏଥିରେ ଶିଖରଚଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡ. ଦେବଦତ୍ତ ଆଚାରୀ, ଶିଖରଚଣ୍ଡି ୧ ନମ୍ବର ୱାର୍ଡ଼ର କର୍ପୋରେଟର ମିହିର କୁମାର ରାଉତ, ଶିଖରଚଣ୍ଡି ୨ ନମ୍ବର ୱାର୍ଡ଼ର କର୍ପୋରେଟର ମୋନାଲିସା ବେହେରା, ଶିଖରଚଣ୍ଡି ନଗରର ସଭାପତି ଭରତ ପାଣିଗ୍ରାହୀ, ସମ୍ପାଦକ ପଦ୍ମନାଭ ରଥଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ ।

# ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି

## ନୂତନ ଶିକ୍ଷାନୀତି ସମାଜକୁ ନୂଆ ଦିଗଦର୍ଶନ ଦେବ : ଆନ୍ଧ୍ର ରାଜ୍ୟପାଳ



ଭୁବନେଶ୍ୱର,୦୮/୮: ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଆଜି ଓଡ଼ିଶାର ପ୍ରଥମ ଦିବସ ଗସ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଚ୍ୟାମ୍ବର ଅଫ କମର୍ସ ଓ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭରସିଟିର ମିଳିତ ଆନୁକୂଲ୍ୟରେ ଶିକ୍ଷା ଉପରେ ଅଧାରିତ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ କହିଛନ୍ତି ଯେ ଆଜିର ସମୟରେ ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି। ଏହି ଅବକ୍ଷୟକୁ ନୂତନ ଶିକ୍ଷାନୀତି ଦୂର କରିପାରିବ ଓ ନୂତନ ଶିକ୍ଷାନୀତି ସମାଜକୁ ନୂତନ ଦିଗ୍ଦର୍ଶନ ଦେବ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରି ସମାଜର ସେବା କରିବା ପାଇଁ ପ୍ରେରଣା ଦେବ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ନୂଆ ଶିକ୍ଷାନୀତି ଲାଗୁ ଫଳରେ ଛାତ୍ରାଛାତ୍ରୀମାନଙ୍କର ମାନବିକ ମୂଲ୍ୟବୋଧର ବିକାଶ ସଂଗେ ସଂଗେ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହେବ। ଦୀଘବର୍ଷ ପରେ ଶିକ୍ଷା କ୍ଷେତ୍ରରେ ଯେଉଁ ବିରାଟ ପରିବର୍ତ୍ତନ ହୋଇଛି ତାହା ସଂପୂର୍ଣ୍ଣ ଭାରତବର୍ଷର ଶିକ୍ଷାକ୍ଷେତ୍ରକୁ ବହୁତ ଆଗକୁ ନେବ ଓ ଛାତ୍ରଛାତ୍ରୀମାନଙ୍କର ଏକ ସୁନ୍ଦର ଉଜ୍ୱଳ ଭବିଷ୍ୟତ ନିର୍ମାଣ କରିବ। ନୂତନ ଶିକ୍ଷାନୀତିରେ ଅନ୍ୟାନ୍ୟ ଭାଷାରେ ଶିକ୍ଷା ଲାଭ କରିବାକୁ ଥିବା ବେଳେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଏହା ଆମ ପାଇଁ ଅତ୍ୟନ୍ତ ଗୌରବର ବିଷୟ। ଯାହାଫଳରେ ପିଲାଙ୍କର ମାତୃଭାଷା ପ୍ରୀତି ବଢ଼ିବା ସଂଗେ ସଂଗେ ଶିକ୍ଷା କରିବାରେ ସହଜ ଉପଲବ୍ଧ ହେବ। ବୈଷୟିକ ଶିକ୍ଷା, ସ୍ୱାସ୍ଥ୍ୟ ବିଜ୍ଞାନ, କୃଷି, ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ଶିକ୍ଷାପ୍ରାପ୍ତ ହେଲାପରେ ସେମାନେ ଆତ୍ମନିର୍ଭର ହୋଇପାରିବେ। ଆତ୍ମନିର୍ଭର ଭାରତ ନିର୍ମାଣ କରିବା ପାଇର୍ ନୂତନ ଶିକ୍ଷାନୀତି ସହାୟକ ହେବ ବୋଲି ରାଜ୍ୟପାଳ ଶ୍ରୀ ହରିଚନ୍ଦନ କହିଛନ୍ତି। ଆଜିର ସମୟରେ ମଣିଷ ମନରୁ ଧିରେ ଧିରେ ମାନବିକତା ହ୍ରାସ ପାଉଥିବା ବେଳେ ଆଜି ମାନିବିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଏହି ସମାବେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମୟୋପଯୋଗୀ ହୋଇଛି। ମାନବିକ ମୂଲ୍ୟବୋଧ ଯେଉଁ ଶିକ୍ଷାରେ ନାହିଁ ସେ ଶିକ୍ଷା ଅସାର ବୋଲି କୁହାଯାଏ। ମହାମାରୀ କୋଭିଡ୍ ସମୟରେ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଗକୁ ଆସି ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରି ପ୍ରକୃତପକ୍ଷେ ମାନବିକ ମୂଲ୍ୟବୋଧର ପରିଚୟ ଦେଇଛନ୍ତି। ରାଜ୍ୟପାଳ ଛାତ୍ରଛାତ୍ରୀଙ୍କ ମନରେ ମାନବିକ ମୂଲ୍ୟବୋଧର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରମୁଖ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, କିସ ବିଶ୍ୱ ବିଦ୍ୟାଳୟର ଉପଦେଷ୍ଟା ଡ. ହରେକୃଷ୍ଣ ଶତପଥୀ, ହରିଆନା ସ୍ଥିତ ବି.ଆ଼. ଆମ୍ବେଦକର ଆଇନ ବିଶ୍ୱବିଦ୍ୟାଳୟର କୁଳପତି ବିନୟ କାପୁର ମେହେରା , ହାଇଟ୍ସ ନେଟ ୱାର୍କ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୁର୍ଗା ମିଶ୍ର, ଆଇସିସି ଓଡିଶା ଷ୍ଟେଟ୍ କାଉନସିଲର ଅଧକ୍ଷ ଜେବି ପାଣି, ଆଇସିସି ଉଚ୍ଚଶିକ୍ଷାର ଉପଦେଷ୍ଟା ଡ.ବଦ୍ରି ପଟ୍ଟନାୟକ, କନଭେନର ଡ. ଚିଦାତ୍ମିକା ଖଟୁଆ ପ୍ରମୁଖ ଯୋଗଦେଇ ସାଂପ୍ରତିକ ଶିକ୍ଷା ପଦ୍ଧତି, ଶିକ୍ଷାର ଭବିଷ୍ୟତ, ନୂତନ ଶିକ୍ଷା ନୀତି ଉପରେ ବିଭିନ୍ନ ମତବ୍ୟକ୍ତ କରିଥିଲେ।

## ଗାନ୍ଧୀ ଶିଳ୍ପ ବଜାର ୨୦୨୨ ଉଦ୍‌ଘାଟିତ



ଭୁବନେଶ୍ୱର, ୦୮/୮: ଓଡିଶା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧିନସ୍ଥ ଓଡିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ନୂଆଦିଲ୍ଲୀ ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ୧୦ ଦିନ ବ୍ୟାପୀ ଏକ ସର୍ବଭାରତୀୟ ସ୍ତରର ପ୍ରଦର୍ଶନୀ ଏକାମ୍ର ହାଟ ପରିସରରେ ଆୟୋଜିତ ହେଉଛି । ଏଥିରେ ସର୍ବଭାରତୀୟ ସ୍ତରର ୧୬ଟି ରାଜ୍ୟରୁ ୧୦୦ ଜଣ ଶିଳ୍ପୀ/ହସ୍ତଶିଳ୍ପ କାରିଗର ଭାଗ ନେଇ ସେମାନଙ୍କ ଦ୍ୱାରା ଉପିାଦିତ ସାମଗ୍ରୀମାନ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବିକ୍ରୟ କରୁଛନ୍ତି । ଏହି ମେଳାରେ ପଞ୍ଜାବ, ରାଜସ୍ଥାନ, ଛତିଶଗଡ, ଉତ୍ତରପ୍ରଦେଶ, ଝାରଖଣ୍ଡ, ପଶ୍ଚିମବଙ୍ଗ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିଗିମ, ହରିୟଣା, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ତେଲେଙ୍ଗାନା, ଉତ୍ତରାଖଣ୍ଡ ଏବଂ ଓଡିଶାରୁ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ଓ ହସ୍ତତନ୍ତ ଯଥା ପଥର ଖୋଦେଇ, କାଠ ଖୋଦେଇ, ସବାଇ ଘାସ, ଗୋଲ୍‌ଡେନ ଗ୍ରାସ ଶିଳ୍ପ, କେଣ୍ଟଇ, ଚାନ୍ଦୁଆ, ପଟ୍ଟଚିତ୍ର, ରୁପା ତାରକସୀ, ଆଦିବାସୀ ଜୁଏଲାରୀ, ଶିଙ୍ଘ, ବାଉଁଶ ବେତ, କତା ଶିଳ୍ପ, ଶୀତଳପଟ୍ଟି, ତାଳପତ୍ର ଖୋଦେଇ, ଲାଖ, ଶାମୁକା, ରାଜସ୍ଥାନୀ ଚିତ୍ରଶିଳ୍ପ, ମଧୁବଣୀ ଚିତ୍ର, କାର୍ପେଟ, ଲୌହ ଶିଳ୍ପ, ଫୁଲକାରୀ, ଚମଡା ସାମଗ୍ରୀ, ଢୋକ୍ରା, ଜରୀ କାମ, କଂସା ଓ ପିତ୍ତଳ, ସିଗି କ୍ରାଫଫ, ମଦୁର କାଠି, ଟେରାକୋଟା ଭଳି ୩୦ରୁ ଉର୍ଦ୍ଧ୍ୱ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ଓ ବିକ୍ରୟ ହେଉଛି । ଏଭଳି ଏକ ଆକର୍ଷଣୀୟ ମେଳାର ଆୟୋଜନ ଏବଂ ପରିଚାଳନା ତଥା ସର୍ବୋପରି କ୍ରୟକୁ ଦୃଷ୍ଟିରେ ରଖାଯାଇ ଆନୁମାନିକ ୫୦ ଲକ୍ଷ ଟଙ୍କାର ବ୍ୟବସାୟ ଆକଳନ କରାଯାଇଅଛି ଏବଂ ୪୦ ହଜାର ଦର୍ଶକଙ୍କ ଆଗମନର ସମ୍ଭାବନା ରହିଛି । ଆଜି ସନ୍ଧ୍ୟାରେ ଏହି ଗାନ୍ଧୀ ଶିଳ୍ପ ବଜାର-୨୦୨୨କୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସରୋଜ କୁମାର ପଟେଲ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ତଥା ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ରୀ ଶ୍ୟାମଭକ୍ତ ମିଶ୍ର, ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ର ସହକାରୀ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ଜଟଣୀରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ



ଜଟଣୀ ,୦୮/୮(ନି.ପ୍ର) : ଜଟଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୧୪୯ ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୩୪ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ଓ ଅନ୍ୟ ୧୫ଟି ସାମୁହିକ ରହିଛି । ଉକ୍ତ ଅଭିଯୋଗ ଗୁଡିକ ମଧ୍ୟରୁ ୧୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପାଢୀ, ଜିଲ୍ଲା ପରିଷଦ ଖୋରଧାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଦେବବ୍ରତ ସାହୁ, ବିଡିଓ ,ତହସିଲଦାର, ସ୍ଥାନୀୟ ଥାନାଧିକାରୀ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ପାଳିତ

## ପୁରସ୍କୃତ ହେଲେ ତନ୍ତୁବାୟ ସହଯୋଗ ସମିତି




ଭୁବନେଶ୍ୱର, ୦୮/୮: ସମଗ୍ର ଦେଶରେ ପାଳିତ ହେଉଛି 'ଅଷ୍ଟମ ଜାତୀୟ ହସ୍ତତନ୍ତ ଦିବସ' । ପ୍ରତ୍ୟେକ ଭାରତୀୟ ଭିତରେ ଆମର ଐତିହ୍ୟସଂପନ୍ନ ଓ ବହୁପୁରାତନ ପାରମ୍ପରିକ ହସ୍ତତନ୍ତ କଳା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏହି ସଂସ୍କୃତି ଓ କଳା ସହିତ ବଂଶାନୁକ୍ରମେ ଜଡ଼ିତ ବୁଣାକାରମାନଙ୍କ ସମ୍ମାନାର୍ଥେ ଏହି ଦିବସକୁ ପାଳନ କରାଯାଉଛି । ଭାରତବର୍ଷରେ ଓଡ଼ିଶାର ଋଦ୍ଧିମନ୍ତ ହସ୍ତତନ୍ତ ବସ୍ତ୍ର ବିଶେଷତଃ ବାନ୍ଧବସ୍ତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସର୍ବୋପରି ଏହି ହସ୍ତତନ୍ତ କ୍ଷେତ୍ର ଲକ୍ଷ ଲକ୍ଷ ଗ୍ରାମୀଣ ବୁଣାକାରଙ୍କୁ ଜୀବିକା ଯୋଗାଇବାରେ ସମର୍ଥ ହୋଇପାରିଛି । ଅଗଷ୍ଟ ୭ ତାରିଖକୁ ହସ୍ତତନ୍ତ ଦିବସ ରୂପେ ପାଳନ କରିବାର ତାତ୍ପର୍ଯ୍ୟ ରହିଛି । ୧୯୦୫ ମସିହାରେ ଏହି ତାରିଖରେ କଲିକତାର ଟାଉନ୍ ହଲ୍‌ରେ ଆୟୋଜିତ ସ୍ୱଦେଶୀ ଆନ୍ଦୋଳନରେ ବିଦେଶୀ ବସ୍ତ୍ର ବର୍ଜନ କରି ସ୍ୱଦେଶୀ ବସ୍ତ୍ର ପରିଧାନ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଏଣୁ ଭାରତର କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିଥିବା ହସ୍ତତନ୍ତ କଳାକୁ ସର୍ବଜନବିଦିତ କରିବା ତଥା ସଂରକ୍ଷିତ କରି ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିନଟିକୁ ସର୍ବଭାରତ ସ୍ତରରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ପାଳନ କରାଯାଉଛି । ଏହାର ମୂଳଲକ୍ଷ ହେଉଛି ଏହି କ୍ଷେତ୍ର ସହ ଜଡ଼ିତ ଅଗଣିତ ବୁଣାକାରଙ୍କ ମନରେ ସ୍ୱାଭିମାନ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବୃତ୍ତିକୁ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ବସ୍ତ୍ରକୁ ସୁଦୂରପ୍ରସାରୀ କରାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା । ଆଜି ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଓଡ଼ିଶା ହସ୍ତତନ୍ତର ଆଦିଭୂମି ଭାବେ ବିଶ୍ୱପ୍ରସିଦ୍ଧ ବୋଲି ସେ ପ୍ରକାଶ କରିଥିଲେ । ବୁଣାକାର ଓ କାରିଗରମାନଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ସମୃଦ୍ଧି କାମନା କରିଥିଲେ । ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଭୁବନେଶ୍ୱର(କେନ୍ଦ୍ର ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ସଂପର୍କରେ ବକ୍ତବ୍ୟ ରଖିଥିଲେ । ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶ୍ୟାମଭକ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଓଡ଼ିଶାର ଗର୍ବ ଓ ଗୌରବ ଅନେକ ସନ୍ଥକବିର, ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାରଙ୍କ ସହ ଅନେକ ବୁଣାକାର ଭାଇଭଉଣୀ ଯୋଗଦେଇଛନ୍ତି । ଏହି ଜାତୀୟ ହସ୍ତତନ୍ତ ଦିବସରେ ନିରବଚ୍ଛିନ୍ନ ଭାବେ ୭୫ ବର୍ଷରୁ ଅଧିକ ସମୟ ଧରି ରାଜ୍ୟରେ ବୁଣାକାରଙ୍କ ସେବାରେ କାର୍ଯ୍ୟରତ ଥିବା ପଦ୍ମନାଭପୁର ତନ୍ତୁବାୟ ସହଯୋଗ ସମିତି, ବ୍ରହ୍ମପୁର, ଗଞ୍ଜାମ, ସଦରଥାନା ତନ୍ତୁବାୟ ସହଯୋଗ ସମିତି, ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ତନ୍ତୁବାୟ ସହଯୋଗ ସମିତି, ଖୋର୍ଦ୍ଧାଙ୍କୁ ପ୍ରତ୍ୟେକ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସେହିପରି ବିଗତ ତିନି ବର୍ଷର ହାରାହାରି ବ୍ୟବସାୟକୁ ଆଧାର କରି ସର୍ବାଧିକ ହସ୍ତତନ୍ତ ବସ୍ତ୍ର ବ୍ୟବସାୟ କରିଥିବା ଗମିଲୋ ତନ୍ତୁବାୟ ସହଯୋଗ ସମିତି, ଆଠଗଡ଼, କଟକଙ୍କୁ ପ୍ରଥମ ପୁରସ୍କାର ବାବଦରେ ତିନି ଲକ୍ଷ ଟଙ୍କା, ଜାଲପାଲି ତନ୍ତୁବାୟ ସହଯୋଗ ସମିତି, ବରଗଡ଼ଙ୍କୁ ଦ୍ୱିତୀୟ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଏବଂ ଲୁରୁପାଲି ତନ୍ତୁବାୟ ସହଯୋଗ ସମିତି, ବରଗଡ଼ଙ୍କୁ ତୃତୀୟ ପୁରସ୍କାର ଭାବେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଓଡ଼ିଶା ସରକାରଙ୍କ ବୟନିକା ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବକୁ ସଂଚାଳନ କରିଥିବା ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହୋଇଥିଲା ।

## ଲାଂଚ ନେବା ବେଳେ ପୋଲିସ ଝାମ୍ପରେ ସୂଚନା ଅଧିକାର କର୍ମୀ

ଖୋର୍ଦ୍ଧା, ୦୮/୮(ନି.ପ୍ର) : ଜଣେ ସୂଚନା କର୍ମୀ ଲାଂଚ ନେଉଥିବା ଅଭିଯୋଗରେ ଟାଙ୍ଗି ପୋଲିସ ଝାମ୍ପରେ ପଡ଼ିଛି। ସୂଚନା ମୁତାବକ ଚିଲିକା ବ୍ଲକ ସୋରଣ ଗ୍ରାମ ପଂଚାୟତର ଏମବିକେ କର୍ମୀ ଜିପିଏଲଏଫ ପକ୍ଷରୁ ଦୁଇ ମାସ ହେବ ନିଯୁକ୍ତି ପାଇଛନ୍ତି। ତେବେ ଉକ୍ତ ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ ଆଲୋଚନା ହେଉଥିଲା। ଫଳରେ ଏନେଇ ସୋରଣ ଗ୍ରାମର ସୂଚନା ଅଧିକାର କର୍ମୀ ଲଳିତ ମହାରଣା ଚିଲିକା ବ୍ଲକକୁ ସୂଚନା ଆଇନ ଅଧିକାର ବଳରେ ସୂଚନା ମାଗିଥିଲେ। ଏପରିକି ଏସମ୍ପର୍କରେ ଜିଲ୍ଲା ମିଶନ ଶକ୍ତି କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଉକ୍ତ ଘଟଣାକୁ ବିପିଏମ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସ୍ପଷ୍ଟ କରାଯାଇଥିଲା। ମାତ୍ର ପୁଣିଥରେ ଏହି ଘଟଣାକୁ ନେଇ ଚଣ୍ଡେଶ୍ୱର ପଂଚାୟତ ଅନ୍ତର୍ଗତ ପୁତନା ଗ୍ରାମର ଚିତରଞ୍ଜନ ପଟ୍ଟନାୟକ ପୁଣିଥରେ ଜିଲ୍ଲା ସୂଚନା ଅଫିସରେ ସୂଚନା ଅଧିକାର ଆଇନ ବଳରେ ସୋରଣ ପଂଚାୟତ ଏମବିକେ କର୍ମୀ ନିଯୁକ୍ତି ସମ୍ବନ୍ଧୀୟ ସୂଚନା ମାଗିଥିଲେ। ସୂଚନା ମାଗିବା ପରେ ଉକ୍ତ ସୋରଣ ପଂଚାୟତର ଏମବିକେ କର୍ମୀଙ୍କ ସ୍ୱାମୀଙ୍କୁ ଫୋନ ମାଧ୍ୟମରେ ଲାଂଚ ମାଗିବା ସହ ଟଙ୍କା ନଦେଲେ ଚାକିରୀ ରହିବନି ବୋଲି ଧମକ ଦେଇଥିଲେ। ଘଟଣାକୁ ନେଇ ସୋରଣ ଗ୍ରାମ ଝାଂନସୀ ପଂଚାୟତ ସଭାପତିଙ୍କୁ ବାରମ୍ବାର ବ୍ଲକ ଓ ଜିଲ୍ଲା ଅଫିସରଙ୍କ ନାମ ନେଇ ଫୋନ ମାଧ୍ୟମରେ ସରକାରୀ କାମରେ ବାଧା ଦେବା ସହ ଧମକ ଦେଉଥିଲେ। ବାରମ୍ବାର ଫୋନ କରି ହଇରାଣ କରିବା ସହ ସୋରଣ ଗ୍ରାମର ଏମବିକେ କର୍ମୀଙ୍କ ସ୍ୱାମୀଙ୍କ ଠାରୁ ପାଂଚ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଟାଙ୍ଗି ପୋଲିସ ହାତରେ ସୂଚନା ଅଧିକାର କର୍ମୀ ଶ୍ରୀ ପଟ୍ଟନାୟକ ଧରା ପଡ଼ିଥିଲେ।ଏହି ଘଟଣାକୁ ନେଇ ପୋଲିସ ଟଙ୍କା ଜବତ କରିବା ସହ କେଶ ନଂ ୪୧୧/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ଏନେଇ ଟାଙ୍ଗି ଥାନାଧିକାରୀ ଦିଗବିଜୟ ବିଶ୍ୱାଳ ଏନେଇ ଅଧିକ ତଦନ୍ତ ଜାରିରହିଛି ।ଏପରିକି ଏହି ରାକେଟରେ ଆଉ କେଉଁ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ଖୁବଶୀଘ୍ର ଏହାର ପର୍ଦ୍ଦାଫାସ କରାଯିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ପାଣିରେ ବୁଡି ବାଳକର ମୃତ୍ୟୁ ; ସହାୟତା ପାଇଁ ବିଧାୟକଙ୍କ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ ୦୮/୮(ନି.ପ୍ର) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ପଂଚାୟତ ଜେନାପାଟଣା ଗ୍ରାମର ସତ୍ୟପ୍ରକାଶ କରଙ୍କ ପୁଅ ଜ୍ଞାନ ରଞ୍ଜନ କର (୧୩) ବର୍ଷ ବୟସ୍କ ଗତକାଲି ଅସାବଧାନତା ବଶତଃ ନିକଟସ୍ଥ କାଣୀ ନାଳ ପାଣିରେ ବୁଡି ଯାଇ ପ୍ରାଣ ହରାଇଛି ଓ ପରିବାର। ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ତାର ମୃତ ଦେହ ମିଳିଥିଲା ଓ ପରିବାର ଲୋକମାନେ ପ୍ରଥମେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେ୍ୱ ସହିତ ଶବ ବ୍ୟବଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଏହି ଖବର ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୃତ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦେଶ ଦେଇଛନ୍ତି।

## ବ୍ରହ୍ମପୁର ଡକ୍ଟର ସଫୋରମର ପଂଚଦ୍ୱିବାର୍ଷିକ ସମ୍ମିଳନୀ



ବ୍ରହ୍ମପୁର,୦୮/୮(ନି.ପ୍ର) : ବ୍ରହ୍ମପୁର ଡକ୍ଟରସ ଫୋରମର ପଂଚଦ୍ୱିବାର୍ଷିକ ସମ୍ମିଳନୀ ବ୍ରହ୍ମପୁର ୟୁନିୟନ କ୍ଲବ ସମ୍ମିଳନୀ କକ୍ଷରେ ଡାକ୍ତର ଶକଂରର୍ଷଣ ପାତ୍ରକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଗତ ସଂନ୍ଧ୍ୟରେ। ପ୍ରାରମ୍ଭରେ ଡାକ୍ତର କିରଣ କୁମାର ପାଣିଗ୍ରାହି ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଡାକ୍ତର ସାଗର ରଂଜନ ତ୍ରିପାଠୀ ବେଦ ପାଠ କରିଥିଲେ। ସିଡିଏମଓ ଡାକ୍ତର ଉମାଶଙ୍କର ମିଶ୍ର ଏଥିରେ ସମ୍ମାନୀତ ଅତିଥି, ପ୍ରଫେସର ଅବନୀକାନ୍ତ ମିଶ୍ର ମୂଖ୍ୟବକ୍ତା, ବିଇଏମ୍ ସିକମିଶନର ଜେ ସୋନାଲ ମୂଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍ ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ସ୍ମରଣୀକା ଉନ୍ମୋଚନ କରିଥିଲେ। ପରିଶେଷରେ ଡାକ୍ତର ଭାସ୍ୱତି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥଲେ। ଉତ୍ସବରେ ୨୧ ଜଣ ଆଜୀବନ ସଦସ୍ୟ ସମେତ ସର୍ବଡାକ୍ତର ପି ସି ସାହୁ, ପଦ୍ମଶ୍ରୀକେ ଏମ ପାଠୀ, ପ୍ରମୋଦ କୁମାର ଅଗ୍ରୱାଲ, ଅନ୍ନଦାପ୍ରସାଦ ଷଡଂଗୀ , ଶିବପ୍ରସାଦ ରାଉତ, କାଶୀନାଥ ସାହୁ, ସୁକାନ୍ତ କୁମାର ଶତପଥୀ, ଇନ୍ଦୁଭୂଷଣ ପଟ୍ଟନାୟକ, ନିଳିମା ଦାସ ପ୍ରମୁଖଙ୍କୁ ସଂବର୍ଦ୍ଧନା ଜ୍ଞପନ କରାଯାଇଥିଲା। ପ୍ରାରମ୍ଭରେ ଏଲୋପାଥି, ହୋମିଓ ଏବଂ ଆୟୁର୍ବେଦ ଡାକ୍ତର ମାନଙ୍କୁ ନେଇ ଆଲୋଚନ ।ଚକ୍ର ଅନୁଷ୍ଠତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସର୍ବଡାକ୍ତର ଶିବପ୍ରସାଦ ରାଉତ, ଅନ୍ନଦାପ୍ରସାଦ ଷଡଂଗୀ ଓ ପ୍ରମୋଦ କୁମାର ଅଗ୍ରୱାଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଶଂକର୍ଷଣ ପାତ୍ର,ପଦ୍‌ଶ୍ରୀକେ ଏମ ପାଠୀଓଉପଦେଷ୍ଟା ପି ସି ସାହୁ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମିଳନୀରେ ଫୋରମର ବହୁଡାକ୍ତର ଉପସ୍ଥିତ ହୋଇଥିଲେ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା